୬ ଅବସର ନେଲେ ହକି ଫରୱାର୍ଡ ଲଳିତ ଉପାଧ୍ୟାୟ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008



୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୪୬ ● ୨୪ ଜୁନ୍ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-146 ●24th June 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଆସ୍କାରେ ରାଜ୍ୟସ୍ତରୀୟ ଯୁବଶକ୍ତି ସମାବେଶ

# ଓଡ଼ିଶାର ଯୁବ ସମାଜ ପାଇଁ ଏକ ସୁବର୍ଣ୍ଣ ଯୁଗ ଆସୁଛି

ଭୁବନେଶ୍ୱର, ୨୩।୬

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ଯୁବ ବର୍ଗ ପାଇଁ ଅସୀମ ସମ୍ଭାବନାର ରାଜ୍ୟ ହେବ। ଓଡ଼ିଶାର ଯୁବ ସମାଜ ପାଇଁ ଏକ ସୁବର୍ଣ୍ଣ ଯୁଗ ଆସୁଛି। ସବୁ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି । ଓଡ଼ିଶା ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାର ଅର୍ଥନୀତି ହେବ। ଓଡ଼ିଶାର ଏହି ଲକ୍ଷ୍ୟ ହାସଲରେ ଯୁବ ଶକ୍ତି ହିଁ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଗଞ୍ଜାମ ଜିଲ୍ଲା ଆସ୍କା ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ଶକ୍ତି ସମାବେଶରେ କହିଛନ୍ତି ।



ଗଞ୍ଜାମବାସୀଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ କୋଣ ଅନୁକୋଣରେ ଭରି ରହିଛି କଳା, ସଙ୍ଗୀତ, ନୃତ୍ୟ ଓ ଗୀତର ସମ୍ଭାର। କେବଳ କଳା ନୈପୁଣ୍ୟ ନୁହେଁ ରାଜନୀତିରେ ମଧ୍ୟ ପାରଙ୍ଗମ ଗଞ୍ଜାମବାସୀ। ଗଞ୍ଜାମରେ ଗଞ୍ଜାମବାସୀ ଡବଲ ନୁହେଁ ଟ୍ରିପଲ ଇଞ୍ଜିନ ସରକାର ଗଠନ କରିଛନ୍ତି। ସେ କହିଥିଲେ ଜୁନ ୧୨ ତାରିଖ ଆମ ପାଇଁ ବର୍ଷ ପୂର୍ତ୍ତିର ମହତ୍ତ୍ୱପୂର୍ଣ୍ଣ ଦିବସ ଥିଲା । କିନ୍ତୁ ଆମେ ଆମ ସଫଳତାରେ ଆତ୍ମ ବିଭୋର ନହୋଇ ଜୁନ ୧୩ ତାରିଖରୁ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଛୁ ।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ଜିଲ୍ଲାରେ ୫୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏଥିରେ ୫ଟି ଜଳସେଚନ ପ୍ରକଳ୍ପ, ଗୋଟିଏ ସଡ଼କ ପ୍ରଶସ୍ତିକରଣ ପ୍ରକଳ୍ପ, ଗୋଟିଏ ହାଇ ଲେଭେଲ ପ୍ରକଳ୍ପ ଓ ଅନ୍ୟାନ୍ୟ ପ୍ରକଳ୍ପ ରହିଛି। ମା' ତାରାତାରେଣୀ ମନ୍ଦିର ଉନ୍ନତିକରଣ ପାଇଁ ସଂଶୋଧିତ ଡି ପି ଆର ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। (ପୃଷ୍ଠା ୭ରେ)

# ଜୈବିକ ଅମୃତ ଅନ୍ନରେ ପ୍ରସ୍ତୁତ ହେବ କୋଠଭୋଗ

ପୁରୀ, ୨୩।୬

ନ୍ୟୁଜ୍ ବ୍ୟୁରୋ

ଚଳିତବର୍ଷ ରଥଯାତ୍ରାରେ ଜୈବିକ ଅମୃତ ଅନ୍ନରେ କୋଠଭୋଗ ପ୍ରସ୍ତୁତ ହେବ। କୋରାପୁଟର ପ୍ରଗତି ଅନୁଷ୍ଠାନ ଅମୃତ ଅନ୍ନ ଯୋଗାଣ ସକାଶେ ସହଯୋଗର ହାତ ବଢାଇଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷେ କୋରାପୁଟରୁ ୫ ପ୍ରକାର ଜୈବିକ ଚାଉଳ ପୁରୀ ଆସିଥିବା ସୁଆର ମହାସୁଆର ନିଯୋଗ ସମ୍ପାଦକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମହାପ୍ରଭୁଙ୍କ କୋଠଭୋଗ କେବଳ ଜୈବିକ ଚାଉଳରେ ହେବ। ଜୈବିକ ଚାଉଳରେ ପ୍ରସ୍ତୁତ ଭୋଗର ଦାମ ଅଧିକ ରହିବ ନାହିଁ । ଏପରିକି ପରବର୍ତ୍ତୀ ସମୟରେ ନୀଳାଚଳ ଭୋଗ ପାଇଁ ଏହି ଚାଉଳ ବ୍ୟବହାର ହେବ ବୋଲି ସୂଚନା ମିଳିଛି।



ସୂଚନା ଅନୁଯାୟୀ, ଚଳିତ ବର୍ଷ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପ ବିଜେ ସମୟରେ ମହାପ୍ରଭୁଙ୍କୁ କୋଠଭୋଗରେ ଅମୃତ ଅନ୍ନ (ଜୈବିକ ଚାଉଳ) ଲାଗି ହେବ। ଏନେଇ ପୂର୍ବରୁ ଆଲୋଚନା ହୋଇଥିବା ବେଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ସୋମବାର ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ କୋଠଭୋଗରେ ଜୈବିକ ଚାଉଳ ଲାଗିହେବା ନେଇ ନିଷ୍ପତ୍ତି ହୋଇଛି। ବଡୁ ସୁଆର ଏବଂ ସୁଆର ମହାସୁଆର ନିଯୋଗ ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ । ସେହିପରି ସୁଆର ମହାସୁଆରଙ୍କ ପକ୍ଷରୁ ଭୋଗମଣ୍ଡପରେ ଅମୃତ ଅନ୍ନ ବ୍ୟବହାର ନେଇ ଯୋଜନା ହୋଇଛି । ମହାପ୍ରଭୁଙ୍କ ଭୋଗ ପ୍ରସ୍ତୁତିରେ ଅମୃତ ଅନ୍ନ ଉପଯୋଗ ନେଇ ପୂର୍ବରୁ ଆଲୋଚନା ହେବା ସହିତ ପରୀକ୍ଷାମୂଳକ ଭାବେ ଲାଗି ମଧ୍ୟ ହୋଇଥିଲା। ବୈଠକରେ ପ୍ରଗତି ଅନୁଷ୍ଠାନର ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ।

## ଅପରେସନ ମନସୁନ୍: କମ୍ବିଂରେ ସାମିଲ ହେବେ ୪ ରାଜ୍ୟର ପୁଲିସ

ମାଲାକାନଗିରି, ୨୩।୬

ନ୍ୟୁଜ୍ ବ୍ୟୁରୋ

ବର୍ଷା ଋତୁରେ ଯୋରଦାର ହେବ ନକ୍ସଲ ଦମନ ଅଭିଯାନ। ଘଞ୍ଚ ଜଙ୍ଗଲରେ ଲଗାଣ ବର୍ଷାରେ କମ୍ବିଂ ଅପରେସନ ପୁଲିସ ପାଇଁ ସହଜ ହେଉନଥିବାରୁ ଏହାର ଫାଇଦା ଉଠାଇଥାନ୍ତି ନକ୍ସଲ। ହିଂସା ଘଟାଇ ପୁଲିସ ପହଞ୍ଚିବା ପୂର୍ବରୁ ନିକଟସ୍ଥ ଗ୍ରାମରେ ନକ୍ସଲ ସୁରକ୍ଷିତ ଭାବେ ଆତ୍ମଗୋପନ କରିଥାନ୍ତି । ଚଳିତ ବର୍ଷ ନକ୍ସଲଙ୍କ ଯୋଜନାକୁ ଭଣ୍ଡୁର କରିବାକୁ ଯୋଜନା କରିଛି ପୁଲିସ୍ । ବର୍ଷା ଆରମ୍ଭରୁ ଅପରେସନ ମନସୁନ ଆରମ୍ଭ କରିବାକୁ ହୋଇଛି ନିଷ୍ପତ୍ତି । ନକ୍ସଲଙ୍କୁ ଉଚିତ ଜବାବ ଦେବା ପାଇଁ ଆକାଶ ମାର୍ଗରୁ ହେବ ଯୋରଦାର ଆକ୍ରମଣ। ଅପରେସନ୍‌ରେ ସାମିଲ ହେବେ ମାଲକାନଗିରି ସମେତ ପଡ଼ୋଶୀ ଛତିଶଗଡ଼, ଆନ୍ଧ୍ର ଓ ତେଲେଙ୍ଗାନା ପୁଲିସ୍ ।

ବର୍ଷକ ମଧ୍ୟରେ ନକ୍ସଲ ଯେତିକି ହିଂସାକାଣ୍ଡ ଘଟାଇଥାନ୍ତି ତାହାର ଏକ ଚତୁର୍ଥାଂଶ ଘଟଣା ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ହୋଇଥାଏ। ନକ୍ସଲ ଏହି ସମୟରେ ଅଧିକ ଉଗ୍ର ହୋଇଥାନ୍ତି। ୨୦୧୫ରୁ ଏଯାଏଁ ଘଟଣାକୁ ଅନୁଧ୍ୟାନ କଲେ ନକ୍ସଲଙ୍କ ସହ ପୁଲିସର ଗୁଳି ବିନିମୟ, ନକ୍ସଲ ହିଂସା ୩୦ରୁ ୪୦ ପ୍ରତିଶତ ଏହି ସମୟ ମଧ୍ୟରେ ହୋଇଛି। ଛତିଶଗଡ଼, ତେଲେଙ୍ଗାନାରେ ମାଓ ଦମନ ଅଭିଯାନ ଯୋରଦାର ପରେ ନକ୍ସଲ ଓଡ଼ିଶାମୁହାଁ ହୋଇଥିବାରୁ ମାଲକାନଗିରି ପୁଲିସ ନିଜ ସୀମାକୁ ସିଲ କରିଛି । ଘନ ଘନ ବୈଠକ ସାଙ୍ଗକୁ ଗୁଇନ୍ଦା ବିଭାଗ ନକ୍ସଲ ଗତିବିଧି ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିଛି । ମୌସୁମୀ ଆରମ୍ଭରୁ ଗତ ସପ୍ତାହକ ମଧ୍ୟରେ ନକ୍ସଲ ୫ ଗ୍ରାମବାସୀଙ୍କୁ ହତ୍ୟା (ପୃଷ୍ଠା ୭ରେ)

# ପର୍ଯ୍ୟଟନସ୍ଥଳୀର ସୁରକ୍ଷା ବୃଦ୍ଧି କରାଯିବ

ଭୁବନେଶ୍ୱର, ୨୩।୬

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ସରକାର ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡିକର ସୁରକ୍ଷା ନେଇ ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି । ଗୋପାଳପୁର ବେଳାଭୂମିରେ ଯୁବତୀ ଗଣଦୁଷ୍କର୍ମ ମାମଲା ପରେ ସରକାର ପର୍ଯ୍ୟଟନସ୍ଥଳୀ ଗୁଡିକର ସୁରକ୍ଷା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ଉପରେ ବିଚାର କରୁଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ସମସ୍ୟାର ସମାଧାନ ଏବଂ ଦୃଢ଼ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଦୁଇ ପର୍ଯ୍ୟାୟ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇସାରିଛି।



ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଗୋପାଳପୁରରେ ଘଟିଥିବା ଏକ ସାମ୍ପ୍ରତିକ ଘଟଣା ପରେ ସରକାରଙ୍କ ପକ୍ଷରୁ ଏହି ନୂତନ ସତର୍କତା ଆସିଛି, ଯାହା ଏପରି ସ୍ଥାନଗୁଡ଼ିକରେ ଥିବା ଦୁର୍ବଳ ସୁରକ୍ଷା ବ୍ୟବସ୍ଥା ବିଷୟରେ ସତର୍କ କରାଇ ଦେଇଛି । ତେବେ ଏନେଇ ସ୍ଥାନୀୟ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଘଟଣା ଦିନ ରାତି ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଆମେ ସମସ୍ତ ସାର୍ବଜନୀନ ଏବଂ ପର୍ଯ୍ୟଟନ ସ୍ଥଳୀର ସୁରକ୍ଷାକୁ ଗମ୍ଭୀରତାର ସହ ନେଇଛୁ । ଏଗୁଡ଼ିକ କେବଳ ମନୋରଞ୍ଜନ କ୍ଷେତ୍ର ନୁହେଁ ବରଂ ଓଡ଼ିଶାର ସୁନାମ ଥିବା ପ୍ରତିଛବିକୁ ମଧ୍ୟ ପ୍ରତିଫଳିତ କରେ। ଆମେ ସ୍ଥାନୀୟ ବାସିନ୍ଦା ଏବଂ ପରିଦର୍ଶନକାରୀ ପର୍ଯ୍ୟଟକ ଉଭୟଙ୍କୁ ସୁରକ୍ଷା ଦେବାକୁ ଚାହୁଁଛୁ। ସେଥିପାଇଁ ପର୍ଯ୍ୟଟନସ୍ଥଳୀ ଏବଂ ରାଜ୍ୟର ସମସ୍ତ ଲଭର୍ସ ପଏଣ୍ଟଗୁଡ଼ିକରେ ଅପରାଧିକ କାର୍ଯ୍ୟକଳାପକୁ ରୋକିବା ପାଇଁ ଖୁବ ଶୀଘ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରାଯିବ। ସେହିପରି ଏଭଳି ସ୍ଥାନ ଉପରେ ନଜର (ପୃଷ୍ଠା ୭ରେ)

# ଇରାନର କ୍ଷେପଣାସ୍ତ୍ର ଘାଟି ଉପରେ ଇସ୍ରାଏଲର ମିସାଇଲ ମାଡ଼

ତେହେରାନ, ୨୩।୬

ଭୟଙ୍କର ରୂପ ନେଉଛି ଇସ୍ରାଏଲ-ଇରାନ ଯୁଦ୍ଧ । ଆମେରିକାର ଆକ୍ରମଣ ପରେ ଇରାନ ଓ ଇସ୍ରାଏଲ ପରସ୍ପର ଜୋରଦାର ଆକ୍ରମଣ କରିଛନ୍ତି । ଇସ୍ରାଏଲ ପକ୍ଷରୁ ଇରାନ ମିଲିଟାରୀ ବେସକୁ ଟାର୍ଗେଟ କରି ସୋମବାର ଆକ୍ରମଣ କରିଛି । ଇରାନର କ୍ଷେପଣାସ୍ତ୍ର ଲଞ୍ଚ ପ୍ୟାଡକୁ ମିସାଇଲ ମାଡ଼ କରିଛି । ୧୯୭୯ ପରେ ଇସଲାମିକ ଦେଶ ଉପରେ ସବୁଠୁ ବଡ଼ ଆକ୍ରମଣ କରିଛି ଇସ୍ରାଏଲ । ଆମେରିକା ୩୦ ହଜାର ପାଉଣ୍ଡ ବଙ୍କର ବ୍ଲଷ୍ଟର ବୋମା ଦ୍ୱାରା ଇରାନର ପରମାଣୁ କେନ୍ଦ୍ର ଉପରକୁ ଆକ୍ରମଣ ପରେ ଯୁଦ୍ଧ ତେଜିବାରେ ଲାଗିଛି । ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ବେସ୍ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛି ଇରାନ। ଏନେଇ ଇରାନର ସୁପ୍ରିମ ଲିଡର ଆୟୋତୁଲ୍ଲା ଖାମେନି ଆମେରିକାକୁ ଚେତାବନୀ ଦେଇଛନ୍ତି। ଖାମେନି କହିଛନ୍ତ, ଇସ୍ରାଏଲ ବଡ଼ ଭୁଲ କରିଛି। ଏଥିପାଇଁ ଇସ୍ରାଇଲକୁ ଦଣ୍ଡ ମିଳୁଛି, ଆଗକୁ ମଧ୍ୟ ଦଣ୍ଡ ମିଳିବ।



ଅନ୍ୟପକ୍ଷରେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷରେ ଆମେରିକାର ପ୍ରବେଶ ପରେ ଆଜି ବିଶ୍ୱରେ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ବୃଦ୍ଧି ପାଇଛି। ଇରାନ ଉପରେ ଆମେରିକାର ଆକ୍ରମଣ ପରେ ଋଷ ଇରାନକୁ ସମସ୍ତ ପ୍ରକାରର ସାହାଯ୍ୟ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛି ।

ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଇରାନର ପରମାଣୁ ଘାଟି ଉପରେ ଆମେରିକାର ଆକ୍ରମଣକୁ କଡ଼ା ନିନ୍ଦା କରିଛନ୍ତି। ସୋମବାର ମସ୍କୋରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚିଙ୍କ ସହ ସାକ୍ଷାତ ସମୟରେ (ପୃଷ୍ଠା ୭ରେ)

# ୨୭ ଯାଏଁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୩।୬

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଅଧିକାଂଶ ସ୍ଥାନରେ ବଜ୍ରପାତ ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଜ୍ଞାନୀଙ୍କ ସୂଚନା ମୁତାବକ ଏକ ଟ୍ରଫ ଦକ୍ଷିଣ ପାକିସ୍ତାନରୁ ରାଜସ୍ଥାନର କେନ୍ଦ୍ରୀୟ ଅଂଶ, ଉତ୍ତର-ପଶ୍ଚିମ ମଧ୍ୟପ୍ରଦେଶ ଦେଇ ବାଂଲାଦେଶର କେନ୍ଦ୍ରୀୟ ଅଂଶ ପର୍ଯ୍ୟନ୍ତ ବ୍ୟାପିଛି, ଦକ୍ଷିଣ ଉତ୍ତର ପ୍ରଦେଶ ଏବଂ ପଡ଼ୋଶୀ, ଝାଡ଼ଖଣ୍ଡ, ଉତ୍ତର ଗାଙ୍ଗେୟ ପଶ୍ଚିମବଙ୍ଗର କେନ୍ଦ୍ରୀୟ ଅଂଶ ଉପରେ ନିମ୍ନ ଚାପ କ୍ଷେତ୍ର ସହିତ ଘୂର୍ଣ୍ଣିବଳୟ ପରିସର ଉଚ୍ଚତା ସହିତ ଦକ୍ଷିଣ ଆଡକୁ ଢଳିଛି।



୨୫ ଜୁନ ପାଖାପାଖି ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଆଖପାଖ ଅଞ୍ଚଳ ଉପରେ ବାୟୁମଣ୍ଡଳ ସ୍ତରୀୟ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି, ଯାହାର ପ୍ରଭାବରେ ଲଘୁଚାପ ସୃଷ୍ଟି ହେଇପାରେ । ଏହାର ପ୍ରଭାବରେ ଉତ୍ତର ଓଡ଼ିଶାରେ ବଡ଼ ବର୍ଷା ହେବାର ଆଶଙ୍କା ରହିଛି । ଆଉ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ୨୫ ଜୁନରୁ ୨୬ ଜୁନ ମଧ୍ୟରେ (ପୃଷ୍ଠା ୭ରେ)

## ଗୋପାଳପୁର ଗଣଦୁଷ୍କର୍ମ ଘଟଣା

# ଅଭିଯୁକ୍ତଙ୍କ ବିରୋଧରେ ମିଳିଛି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ

ଗୋପାଳପୁର, ୨୩।୬

ନ୍ୟୁଜ୍ ବ୍ୟୁରୋ

ଗୋପାଳପୁର ଗଣଦୁଷ୍କର୍ମ ଘଟଣାରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସୋମବାର ଏକ ବଡ଼ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଅଭିଯୁକ୍ତଙ୍କ କ୍ରାଇମ ସିନ ସିସିଟିଭିରେ କଏଦ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ମିଳିଛି ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ପ୍ରମାଣ । ଗିରଫ ୧୦ ଅଭିଯୁକ୍ତଙ୍କ ମୋବାଇଲ ଜବତ କରି ଫରେନ୍ସିକ୍ ଲାବୋରେଟୋରୀକୁ ପଠାଯାଇଛି । ଆବଶ୍ୟକ ପଡ଼ିଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ । ଅଭିଯୁକ୍ତଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ମିଳିଛି । ଅଭିଯୁକ୍ତଙ୍କୁ ଦଣ୍ଡିତ କରିବା ପାଇଁ ଏହି ପ୍ରମାଣ ଯଥେଷ୍ଟ ହେବ ବୋଲି କ୍ରାଇମ ବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର କହିଛନ୍ତି।



ଅନ୍ୟପକ୍ଷରେ ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ ଏନ୍‌ଏଚ୍‌ଆରସିରେ ମାମଲା ରୁଜୁ କରାଯାଇଛି । ଗୋପାଳପୁର ବେଳାଭୂମିରେ ହୋଇଥିବା ଗଣଦୁଷ୍କର୍ମ ମାମଲାରେ ନିଜ ଆଡୁ ମାମଲା ରୁଜୁ କରିଛି ଏନ୍‌ଏଚ୍‌ଆରସି। ୨ ସପ୍ତାହ ଭିତରେ ରିପୋର୍ଟ ଦେବାକୁ ମୁଖ୍ୟ ଶାସନ ସଚିବ ଓ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ୫ ନକ୍ସଲ ଗିରଫ ବିସ୍ଫୋରକ ଜବତ

ବିଜାପୁର, ୨୩।୬

ଗତ ଏକ ସପ୍ତାହ ମଧ୍ୟରେ ନକ୍ସଲମାନେ ଜଣେ ନାବାଳକ ଛାତ୍ର ସମେତ ପାଞ୍ଚ ଜଣ ଗ୍ରାମାଞ୍ଚଳ ଯୁବକଙ୍କୁ ହତ୍ୟା କରିବା ପରେ ଜିଲ୍ଲାରେ ଏକ ନକ୍ସଲ ବିରୋଧୀ ଅଭିଯାନ ଚାଲିଛି। ଯାହା ଅନ୍ତର୍ଗତ ତିନୋଟି ଥାନା ଅଞ୍ଚଳ ମଦେଡ଼, ଗଙ୍ଗାଲୁର ଏବଂ ଜାଙ୍ଗଲାରେ କରାଯାଇଥିବା କାର୍ଯ୍ୟାନୁଷ୍ଠାନରେ ମୋଟ୍ ୫ ଜଣ ନକ୍ସଲଙ୍କୁ ଗିରଫ କରାଯାଇଛି। ଏହି ନକ୍ସଲମାନଙ୍କ ଠାରୁ ବିସ୍ଫୋରକ ସାମଗ୍ରୀ, ନକ୍ସଲ ପୋଷାକ, ବ୍ୟାକପ୍ୟାକ୍, ନକ୍ସଲ ସାହିତ୍ୟ ଏବଂ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଜବତ କରାଯାଇଛି। ମଦେଡ଼, ଗଙ୍ଗାଲୁର ଏବଂ ଜାଙ୍ଗଲା ପୋଲିସ ଷ୍ଟେସନରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସୋମବାର ସମସ୍ତ ୫ ଜଣ ଗିରଫ ନକ୍ସଲଙ୍କୁ କୋର୍ଟରେ ହାଜର କରାଯାଇଥିଲା।

## ଏକାଳ ପଖାଳ




ଥରୁର୍ ବାବୁଙ୍କ କଥା ଶୁଣି ଶୁଣି
ହାତ ପୂରା ଥରହର
ଶଶୀ ମୋଦୀ ନାମ ଘୋଷି ହେଉଥାନ୍ତି
ଦିନକୁ ହଜାରେ ଥର
କଂଗ୍ରେସଟା ଗରଗର
ପ୍ରଶଂସାଟା ଏମିତି କଲେ ଯେ
ସବୁ କଲେ ଏକାକାର।

# ଭାରତ ଉପରେ ପଡିପାରେ ଇସ୍ରାଏଲ୍-ଇରାନ ଭୟଙ୍କର ଯୁଦ୍ଧର ପ୍ରଭାବ



ନୂଆଦିଲ୍ଲୀ, ୨୩।୬

ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧରେ ଆମେରିକାର ପ୍ରବେଶ ପରେ ବିଶ୍ୱର ବିଭିନ୍ନ ଦେଶରେ ତୈଳ ସଙ୍କଟ ଆହୁରି ଘନିଷ୍ଠ ହୋଇପାରେ । କାରଣ ଇରାନ ହେଉଛି ସବୁଠାରୁ ବଡ ଅଶୋଧିତ ତୈଳ ଉତ୍ପାଦନକାରୀ ଏବଂ ହରମୁଜ ଜଳଡମ୍ବରୁ ମଧ୍ୟ ଦେଇ ଅଶୋଧିତ ତୈଳ ଯୋଗାଣ କରେ। କିନ୍ତୁ ଆମେରିକାର ଆକ୍ରମଣ ପରେ ଇରାନ ଏହି ରାସ୍ତାକୁ ବନ୍ଦ କରିବାକୁ ବିଚାର କରୁଛି । ସଂସଦରେ ଏହି ପ୍ରସ୍ତାବ ଗୃହୀତ ହୋଇଛି ଏବଂ ଏବେ ଇରାନର ନୌସେନା ଯେକୌଣସି ସମୟରେ ଏହି ରାସ୍ତାକୁ ବନ୍ଦ କରିପାରେ।

ହରମୁଜ ପ୍ରଣାଳୀକୁ ଇରାନ ବନ୍ଦ କରିବା ଆମେରିକାର ଇରାନ ଉପରେ ଆକ୍ରମଣର ଏକ ଉପଯୁକ୍ତ ଜବାବ ହୋଇପାରେ । ଫଳରେ ଭାରତ ସମେତ ଅନେକ ଦେଶକୁ ପ୍ରଭାବିତ କରିପାରିବ, କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଯଦି ଭାରତ ଇରାନରୁ ଅଶୋଧିତ ତେଲ ନପାଏ ତେବେ ଭାରତ କଣ କରିବ ? କଣ ଭାରତ ପାଖରେ ଅଶୋଧିତ ତେଲ କିଣିବା ପାଇଁ ଅନ୍ୟ ବିକଳ୍ପ ଅଛି ? ଏନେଇ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏସମ୍ପର୍କରେ ସ୍ପଷ୍ଟୀକରଣ ଦେଇଛନ୍ତି । (ପୃଷ୍ଠା ୭ରେ)





# ଟ୍ରାଫିକ୍ ଯନ୍ତ୍ରଣାରେ ରୁନ୍ଧି ହେଉଛି ଶିଶୁଭବନରୁ ମାଉସୀ ମା' ଛକ ରାସ୍ତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିଶୁଭବନ ଛକରୁ ମାଉସୀ ମା' ଛକ। ପ୍ରତିଦିନ ଟ୍ରାଫିକ୍ ଯନ୍ତ୍ରଣାରେ ରୁନ୍ଧି ହେଉଛନ୍ତି ଲୋକେ। ସକାଳ ଅଫିସ୍ ସମୟ ହେଉ କିମ୍ବା ସନ୍ଧ୍ୟା, ସବୁ ସମୟରେ ନାହିଁ ନଥିବା ଭିଡ଼ରେ ଫସୁଛନ୍ତି। ଜରୁରୀକାଳୀନ ସେବା ଯୋଗାଉଥିବା ଆମ୍ବୁଲାନ୍ସ, ଓ ଅଗ୍ନିଶମ ଗାଡ଼ି ବି ଏହି ଭିଡ଼ ଯନ୍ତ୍ରଣାରୁ ମୁକୁଳି ପାରୁନାହାନ୍ତି। ଏପଟେ ବର୍ଦ୍ଧିତ ଗାଡ଼ି ସଂଖ୍ୟାକୁ ଦୃଷ୍ଟିରେ ରଖି ଘୋଷଣା ହୋଇଥିବା ନୂତନ ଫ୍ଲାଏଓଭର୍ କେବଳ ଘୋଷଣାରେ ଅଟକିଛି।




ପ୍ରାୟ ୩୦ ବର୍ଷ ତଳେ ମାଉସୀ ମା' ଛକରୁ ଶିଶୁଭବନ ଓଭରବ୍ରିଜ୍ କରାଯାଇଥିଲା। ଗାଡ଼ି ସଂଖ୍ୟା ବଢ଼ିବା ପରେ ସାଢ଼େ ୧୦ ମିଟର ଚଉଡ଼ାର ଏହି ୪୦୦ ମିଟର ଫ୍ଲାଏଓଭରରେ ଟ୍ରାଫିକ୍ ଜାମ୍‌ର କାରଣ ପାଲଟୁଛି। ଶିଶୁ ଭବନ ଛକରେ ବିପରିତ ତିନି ପଟରୁ ଆସୁଥିବା ଗାଡ଼ି ଗୁଡ଼ିକ ଫ୍ଲାଏ ଓଭରକୁ ଚଢ଼ିବା ବେଳକୁ ଗତି ଧିମା ହେଉଛି। କାରଣ ଫ୍ଲାଏଓଭର ଉପରେ ଗୋଟେ ଚାରିଚକିଆ ଗାଡ଼ି ଗଲା ପରେ ଅନ୍ୟ ଗାଡ଼ି ଅତିକ୍ରମ କରିବା ସମ୍ଭବ ହେଉନାହିଁ। ଅନ୍ୟପଟେ ମାଉସୀ ମା' ଛକରେ ଶିଶୁଭବନରୁ ଯାଉଥିବା କିଛି ଗାଡ଼ି ଲିଙ୍ଗରାଜ ମନ୍ଦିର ପଟ (ଡାହାଣ)କୁ ଯାଉଛନ୍ତି। କିଛି ଗାଡ଼ି ଡାହାଣ ପଟରୁ ଫ୍ଲାଏଓଭର ଉପରକୁ ଚଢୁଛନ୍ତି। ଅନିୟନ୍ତ୍ରିତ ଟ୍ରାଫିକ୍ ପରିଚାଳନା ପାଇଁ ଏଠି ମଧ୍ୟ ଜାମ୍ ହେଉଛି।

ଟ୍ରାଫିକ୍ ଜାମ୍‌କୁ କିଛି ପରିମାଣରେ ଦୂର କରିବା ପାଇଁ ଦୁଇବର୍ଷ ତଳେ ଓଭରବ୍ରିଜ୍‌ରେ ଥିବା ୬ ଫୁଟର ପାଦଚଲା ରାସ୍ତାକୁ ଭାଙ୍ଗି ଗାଡ଼ି ଚଳାଚଳ ପାଇଁ ବ୍ୟବସ୍ଥା କରାଯାଇଥିଲା। ହେଲେ ଏଥିରେ ମଧ୍ୟ ସମସ୍ୟାର ସମାଧାନ ହେଲା ନାହିଁ। ଗତ ସରକାର ସମୟରେ ସହରର ଭିଡ଼ ନିୟନ୍ତ୍ରଣ କରିବା ପାଇଁ ପ୍ରସ୍ତୁତ ହୋଇଥିବା ଯୋଜନାରେ ଶିଶୁଭବନରୁ ମାଉସୀ ମା ମନ୍ଦିର ଛକ ପର୍ଯ୍ୟନ୍ତ ଦ୍ୱିତୀୟ ଫ୍ଲାଏ ଓଭର ନିର୍ମାଣ ପାଇଁ ପ୍ରସ୍ତାବ ଥିଲା। ବର୍ତ୍ତମାନ ନୂଆ ସରକାର ଆସିବା ପରେ ମଧ୍ୟ ଶିଶୁଭବନ ଛକ ସହ କଳ୍ପନା ଓ ମ୍ୟୁଜିୟମ ଛକରେ ତିନିଟି ଫ୍ଲାଏ ଓଭର୍ ନିର୍ମାଣ ପାଇଁ ଘୋଷଣା କରାଯାଇଛି। ହେଲେ ଏପର୍ଯ୍ୟନ୍ତ ଏହି ଯୋଜନାର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହୋଇନାହିଁ। ଅନ୍ୟପଟେ ବର୍ତ୍ତମାନ ଥିବା ଫ୍ଲାଏଓଭରର ଦୁଇପାଖକୁ ଲାଗି ବସ୍ତି, ବଡ଼ବଡ଼ କୋଠା, ଐତିହ୍ୟ ମନ୍ଦିର ପ୍ରମୁଖ ରହିଛି। ତେଣୁ ଦ୍ୱିତୀୟ ଫ୍ଲାଏଓଭର ନିର୍ମାଣ ହେଲେ ଜମି ଅଧିଗ୍ରହଣ ସମସ୍ୟା ହୋଇ ଛିଡ଼ା ହୋଇପାରେ। ଏନେଇ ପୂର୍ତ୍ତବିଭାଗର ଜଣେ ଅଧିକାରୀ କହିଛନ୍ତି କିଛି ମାସ ତଳେ ଦ୍ୱିତୀୟ ଫ୍ଲାଏଓଭର ପାଇଁ ସର୍ଭେ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ବ୍ୟୟ ଅଟକଳ ହୋଇନାହିଁ। ତେଣୁ କାମ ବିଳମ୍ବ ହେବ।

# ୫ ବର୍ଷରେ ପାଣିରେ ବୁଡ଼ି ପ୍ରାଣ ହରାଇଲେଣି ୩୦୦ ଲୋକ

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**

ସାପ କାମୁଡ଼ାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ଆର୍ଥିକ ସହାୟତା ବାବଦରେ ଗତବର୍ଷ ଦିଆଯାଇଛି କୋଟିଏ ଟଙ୍କାରୁ ଅଧିକ। ଏମିତି ଗତ ୫ ବର୍ଷରେ ସରକାର ଅନୁଗୁଳ ଜିଲ୍ଲାରେ ବାଣ୍ଟିଛନ୍ତି ୭ କୋଟି ୬୪ ଲକ୍ଷ ଟଙ୍କା। କିନ୍ତୁ ସାପ କାମୁଡ଼ାରୁ ରକ୍ଷା ପାଇବା କିମ୍ବା ସାପ କାମୁଡ଼ା ରୋଗୀଙ୍କ ଚିକିତ୍ସା ନେଇ ସଚେତନତା ବାବଦକୁ ଖର୍ଚ୍ଚ ଲକ୍ଷେ ଟପୁନି। ଫଳରେ ସାପ କାମୁଡ଼ା ସଂଖ୍ୟା କମିବାର ନାଁ ଧରୁନି। କେବଳ ସାପ କାମୁଡ଼ା କଥା ନୁହେଁ, ପାଣିରେ ବୁଡ଼ି ମରିବା ଓ ବଜ୍ରପାତ ଜନିତ ମୃତ୍ୟୁରେ ବି ରୋକ୍ ଲାଗୁନି। ସାପ କାମୁଡ଼ା ସମେତ ବଜ୍ରପାତ ଓ ପାଣି ବୁଡ଼ି ଘଟଣାରେ ମୃତକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ଏହି ୩ ଘଟଣାରେ ଗତ ୫ ବର୍ଷରେ ଅନୁଗୁଳ ଜିଲ୍ଲାରେ ସାଢ଼େ ୨୦ କୋଟି ଟଙ୍କା ପ୍ରଦାନ କରାଗଲାଣି। ବର୍ଷକୁ ବର୍ଷ ସହାୟତା ରାଶି ବଢ଼ି ଚାଲିଛି। ସରକାର ବି ସହାୟତା ରାଶି ଧରାଇ ଦେଇ ଖୁସ୍। ହେଲେ ଏମିତି ଅଘଟଣକୁ କେମିତି ରୋକା ଯାଇ ପାରିବ କିମ୍ବା ମୃତ୍ୟୁସଂଖ୍ୟା କମ୍ କରିହେବ ସେ ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଉନି। କାଁ ଭାଁ କିଛି ସଚେତନତା କାର୍ଯ୍ୟକ୍ରମରେ ସୀମିତ ରହିଛି ସମୁଦାୟ ପ୍ରକ୍ରିୟା। ବଡ଼ କଥା ହେଲା, ଏହି ସଚେତନତା କାର୍ଯ୍ୟକ୍ରମ ତଳ ସ୍ତରରେ ପହଞ୍ଚି ପାରୁନି। ସରକାରୀ ବିଜ୍ଞାପନ ଓ ସଭା ଗାଁ ଗହଳି ଲୋକଙ୍କ ପାଖରେ ପହଞ୍ଚୁ ନ ଥିବାରୁ ଏହାର ଉଦ୍ଦେଶ୍ୟ ପୂରଣ ହୋଇପାରୁନି।



ସରକାରୀ ତଥ୍ୟ ଅନୁସାରେ, ଗତ ୫ ବର୍ଷରେ ଅନୁଗୁଳ ଜିଲ୍ଲାରେ ପାଖାପାଖି ୩ ଶହ ଲୋକ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। କିଏ ପୋଖରୀରେ ଗାଧୋଇବା ସମୟରେ ବୁଡ଼ି ଯାଇଛନ୍ତି ତ କିଏ କୂଅରେ ପଡ଼ି ମୃତ୍ୟୁ ମୁଖରେ ପଡ଼ିଛନ୍ତି। ଏହା ଭିତରୁ ୨୭୫ ଜଣ ଲୋକଙ୍କ ପରିବାରକୁ ସରକାରୀ ସହାୟତା ମିଳିଛି। ୨୦୨୩ରେ ସର୍ବାଧିକ ୬୮ ଜଣଙ୍କୁ ସହାୟତା ମିଳିଥିଲା ବେଳେ ୨୦୨୦ରେ ୬୦ ଜଣ, ୨୦୨୨ରେ ୫୯ ଜଣ, ୨୦୨୧ରେ ୫୭ ଜଣ ଓ ୨୦୨୪ରେ ୩୧ ଜଣଙ୍କ ପରିବାର ଏହି ସହାୟତା ରାଶି ପାଇଛନ୍ତି। ଏମିତି ଗତ ୫ ବର୍ଷରେ ୧୧ କୋଟି ଟଙ୍କା ସରକାରୀ ତହବିଲରୁ ଯାଇଛି। ସେହିପରି ଗତ ୫ ବର୍ଷରେ ସାପ କାମୁଡ଼ାରେ ୨ଶହରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଏହା ଭିତରୁ ୧୯୧ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ପ୍ରତି ପରିବାରକୁ ୪ ଲକ୍ଷ ଟଙ୍କା ହିସାବରେ ଏମିତି ୭ କୋଟି ୬୪ ଲକ୍ଷ ଟଙ୍କା ଦିଆଯାଇଥିବା ହିସାବ କହୁଛି। ୨୦୨୦ରେ ସର୍ବାଧିକ ୫୩ ଜଣଙ୍କୁ ସହାୟତା ରାଶି ମିଳିଥିଲା ବେଳେ ୨୦୨୧ରେ ୪୭ଜଣ, ୨୦୨୨ରେ ୨୭ ଜଣ, ୨୦୨୩ରେ ୩୫ ଜଣ ଓ ୨୦୨୪ରେ ୨୯ ଜଣଙ୍କ ପରିବାରକୁ ସହାୟତା ରାଶି ମିଳିଛି। ଅପରପକ୍ଷରେ ବଜ୍ରପାତରେ ପ୍ରାଣ ହରାଇଥିବା ୪୭ ଜଣଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଏହି ବାବଦରେ ଗତ ୫ ବର୍ଷରେ ସରକାରଙ୍କୁ ଦେବାକୁ ପଡ଼ିଛି ପ୍ରାୟ ୨ କୋଟି ଟଙ୍କା। ସରକାର ସତର୍କତା ମୂଳକ ପଦକ୍ଷେପ ଗ୍ରହଣ ନ କରି ସହାୟତା ରାଶି ବାଣ୍ଟିବାକୁ ସହଜରେ ଗ୍ରହଣ କରି ପାରିନାହାନ୍ତି ପରିବେଶବିତ୍। ଏ ଦିଗରେ କାମ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ସାଥୀ ପରିବାରର ସଭାପତି ସିଦ୍ଧାର୍ଥ ପ୍ରଧାନ କହିଛନ୍ତି, ସଚେତନତା ହିଁ ସାପ କାମୁଡ଼ା ଓ ବଜ୍ରପାତ ଜନିତ ମୃତ୍ୟୁସଂଖ୍ୟା କମାଇପାରିବ। ହେଲେ ଏ ଦିଗରେ କାମ କରିବାକୁ ପ୍ରଶାସନ ଆଗ୍ରହ ଦେଖାଉନି। କେବଳ ଟଙ୍କା ଦେଇ ନିଜ କାମ ସାରି ଦେଉଛି। ଗ୍ରାମାଞ୍ଚଳରେ ନିୟମିତ ସଚେତନତା କାର୍ଯ୍ୟକ୍ରମ କରାଯାଇପାରିଲେ ମୃତ୍ୟୁସଂଖ୍ୟା ନିହାତି କମିବ ବୋଲି ସେ କହିଛନ୍ତି।

# ମହିଳାଙ୍କୁ ରୋଜଗାରକ୍ଷମ କରୁଛି ବ୍ରାହ୍ମି ଘାସ



**ଚନ୍ଦନେଶ୍ୱର, ନ୍ୟୁଜ ବ୍ୟୁରୋ**

ସରକାରଙ୍କ ମିଶନ ଶକ୍ତି ଜରିଆରେ ମହିଳାମାନେ ସଶକ୍ତ ହେଉଥିଲେ । ମାତ୍ର କୌଣସି ଅର୍ଥ ଲଗାଣ ନାହିଁ କି ନୀତି ନିୟମ ବି ନାହିଁ। ମାସକୁ ୧୦ହଜାରରୁ ଉର୍ଦ୍ଧ୍ୱ ରୋଜଗାର ହେଉଛି । ମହିଳାଙ୍କୁ ରୋଜଗାରକ୍ଷମ କରୁଛି ବ୍ରାହ୍ମି ଘାସ । ପଶ୍ଚିମବଙ୍ଗର ବେପାରୀମାନେ ୪୦ଟଙ୍କା କିଲୋରେ ଏହାକୁ କିଣି ନେଉଛନ୍ତି। ବିବରଣୀରୁ ପ୍ରକାଶ, ବ୍ରାହ୍ମି ଘାସ ଏକ ଔଷଧୀୟ ଘାସ । ଏହାର ରସକୁ ପିଲାଙ୍କୁ ଖାଇବାକୁ ଦେଲେ ସେମାନଙ୍କ ସ୍ମରଣ ଶକ୍ତି ବୃଦ୍ଧି ପାଏ ଆୟୁର୍ବେଦରେ ଉଲ୍ଲେଖ ରହିଛି । ମାତ୍ର ଏହି ବିରଳ ଘାସକୁ ପଶ୍ଚିମବଙ୍ଗ ବେପାରୀମାନେ ବହୁ କମ ପଇସାରେ କିଣି ନେଉଛନ୍ତି। ବାଲେଶ୍ୱର ଜିଲ୍ଲା ଭୋଗରାଇର ଉପାନ୍ତ ଶ୍ୟାମାନନ୍ଦିପୁର, ବାଡସରିଷା, ଗମ୍ଭାରିଆ, ଭଇପୁର ଆଦି ଗାଁରେ ବଙ୍ଗ ବେପାରୀଙ୍କ ଗହଳି । ମହିଳାମାନେ ପିଲାଙ୍କୁ ଧରି ସାଥୀରେ ପାଣି ବୋତଲ ନେଇ ସକାଳୁ ହେଲେ ବିଲକୁ ବାହାରି ଯାଉଛନ୍ତି । ଆଉ କିଛି ସମୟ ପରେ ବସ୍ତା ବସ୍ତା ଏହି ବ୍ରାହ୍ମି ଘାସ ନେଇ ଘରକୁ ଫେରୁଛନ୍ତି । ଦିନେ ଦୁଇଦିନ ଖରାରେ ଶୁଖାଇବା ପରେ ବିକ୍ରି କରାଯାଉଛି ଏହି ବ୍ରାହ୍ମି ଘାସ । କେତେକ ମହିଳା ନିଜ ବାଡିରେ ଏହି ଘାସକୁ ରୋପଣ କରିଲେଣି । କାରଣ ବର୍ଷା ହେଲେ ଜମିରେ ପାଣି ଜମିଯିବ ଓ ଏହି ଘାସ ମିଳିବ ନାହିଁ । ମାତ୍ର ଉଚ୍ଚ ସ୍ଥାନ କିମ୍ବା ବାଡିରେ ହେଲେ ତାକୁ ବିକ୍ରି କରି ବେଶ ଦୁଇ ପଇସା ରୋଜଗାର କରି ହେବ। ଶ୍ୟାମାନନ୍ଦିପୁର ଗାଁର ସନ୍ଧ୍ୟାରାଣୀ ପ୍ରଧାନ, ପ୍ରତିମା ଗିରି, ମିନତୀ ପ୍ରଧାନ, ସ୍ୱର୍ଣ୍ଣଲତା ସାହୁ ପ୍ରମୁଖ ଏହି ଘାସ ବିକି ବେଶ ରୋଜଗାରକ୍ଷମ ହୋଇ ପାରିଥିବା ପ୍ରତିକ୍ରିୟାରେ କହିଛନ୍ତି।

# ରାଜ୍ୟରେ ୩ ଗୁଣା ବଢ଼ିଛି ଏଚ୍ଆଇଭି ସଂକ୍ରମିତ ଯୌନକର୍ମୀଙ୍କ ସଂଖ୍ୟା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ମହାମାରୀ ଏଚ୍ଆଇଭି କାୟା ମେଲାଉଛି । ଯୌନ କର୍ମୀ (ରୂପଜୀବୀ/ସେକ୍ସ ୱାର୍କର) ସଂଖ୍ୟା ଯେତିକି ବଢ଼ିଛି ସେହି ଅନୁସାରେ ଏଚ୍ଆଇଭି ସଂକ୍ରମଣ ବି ବଢ଼ିଛି । ପୂର୍ବ ବର୍ଷ ତୁଳନାରେ ୩ ଗୁଣା ବଢ଼ିଛି ଏଚ୍ଆଇଭି ସଂକ୍ରମିତ ଯୌନକର୍ମୀଙ୍କ ସଂଖ୍ୟା । ୨୦୨୪ରେ ରାଜଧାନୀରେ ୨୨ ଜଣ ଯୌନ କର୍ମୀ ଏଚ୍ଆଇଭି ସଂକ୍ରମିତ ହୋଇଥିବା ଜଣାପଡିଛି । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ସେମାନଙ୍କ ମଧ୍ୟରୁ ୮୦% ବଙ୍ଗାଳୀ । ତେବେ ଏମାନେ ସତରେ ପଶ୍ଚିମବଙ୍ଗର ନା ବାଂଲାଦେଶୀ ତାହା କେହି ଜାଣିନାହାନ୍ତି । ଏ କ୍ଷେତ୍ରରେ କାମ କରୁଥିବା ଏକ ସାମାଜିକ ଅନୁଷ୍ଠାନର ସର୍ଭେ ରିପୋର୍ଟରୁ ଏହି ବିପଦଜନକ ଖବର ପଦାକୁ ଆସିଛି । ଯାହା ରାଜଧାନୀରେ ଆଲୋଡନ ସୃଷ୍ଟି କରିଛି। ଯେଉଁ ରାଜ୍ୟରେ କେତେ ଯୌନକର୍ମୀ ଅଛନ୍ତି ଗତ କିଛି ଦିନ ତଳେ କେନ୍ଦ୍ରସରକାରଙ୍କ ପିଏମପିଏସଇ ରିପୋର୍ଟରେ ପ୍ରକାଶ ପାଇଥିଲା । ରାଜ୍ୟର ପ୍ରାୟ ସବୁ ଜିଲ୍ଲାରେ ମହିଳା ଯୌନକର୍ମୀ, ପୁରୁଷଙ୍କ ସହ ସମ୍ପର୍କ ରଖୁଥିବା ପୁରୁଷ ଯୌନକର୍ମୀ, କିନ୍ନର ଓ ତୃତୀୟ ଲିଙ୍ଗୀଙ୍କୁ ଚିହ୍ନଟ କରାଯାଇଛି । ରାଜ୍ୟରେ ପାଖାପାଖି ୨୪ ହଜାର ମହିଳା ଯୌନକର୍ମୀ ଅଛନ୍ତି । ୨୦୧୯ରେର ରାଜ୍ୟ ସରକାର ବିଧାନସଭାରେ କହିଥିଲେ ୨୨ ଜିଲ୍ଲାରେ କାମ କରୁଛନ୍ତି ୧୧,୭୫୦ ଜଣ ଯୌନକର୍ମୀ । ଏମାନଙ୍କ ମଧ୍ୟରୁ ମଧ୍ୟରୁ ୧୩୮୦ ଜଣ ଏଚ୍ଆଇଭି ସଂକ୍ରମିତ ଥିବା ସେତେବେଳେ ଜଣାପଡ଼ିଥିଲା । ଏମାନଙ୍କ ମଧ୍ୟରୁ କିଛି ଚିକିତ୍ସିତ ଥିବା ବେଳେ କିଛି ନିଜ ପେଟପାଟଣା ପାଇଁ ଲୁଚିଛପି ବେପାର କରୁଥିବା ସର୍ଭେରୁ ଜଣାପଡିଥିଲା । କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶା ସମେତ ଦେଶର ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୬୫୧ଟି ଜିଲ୍ଲାରେ ୨୦୨୦ ଜାନୁୟାରୀରୁ ୨୦୨୨ ନଭେମ୍ବର ମାସ ପର୍ଯ୍ୟନ୍ତ ସର୍ଭେ ହୋଇଥିଲା । ଏହି ସମୟରେ ମଧ୍ୟରେ ଓଡ଼ିଶାରେ ୨୪ ହଜାର ମହିଳା ଯୌନକର୍ମୀ କାମ କରୁଥିବା ଜଣାପଡ଼ିଥିଲା । ୩ ବର୍ଷ ମଧ୍ୟରେ ରାଜ୍ୟରେ ୨ଗୁଣା ବଢ଼ିଛି ଯୌନକର୍ମୀଙ୍କ ସଂଖ୍ୟା । ସେହି ତୁଳନାରେ ଏଚ୍ଆଇଭି ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ।



୨୦୨୩ରେ ରାଜଧାନୀରୁ ୭ ଜଣ ଯୌନ କର୍ମୀ ଏଚ୍ଆଇଭି ସଂକ୍ରମିତ ଭାବେ ଚିହ୍ନଟ ହୋଇଥିଲେ । ୨୦୨୪ରେ ପୁଣି ୨୨ ଜଣ ଯୌନ କର୍ମୀ ଏଚ୍ଆଇଭି ସଂକ୍ରମିତ ହୋଇଥିବା ଏନ୍‌ଜିଓ ସଂସ୍ଥାର ରିପୋର୍ଟ କହୁଛି । ୨୨ ଜଣଙ୍କ ମଧ୍ୟରୁ ୧୭ ଜଣ ଯୁବତୀ ନିଜକୁ ପଶ୍ଚିମବଙ୍ଗର ବୋଲି ଦାବି କରିଥିଲେ । ହେଲେ ଏହାର ଯଦି ତଦନ୍ତ ହେବ ତା'ହେଲେ ଏମାନଙ୍କର ପ୍ରକୃତ ଘର ବାଂଲାଦେଶ ବୋଲି ପ୍ରମାଣ ମିଳିବ। ୨୦୧୮ ପୂର୍ବରୁ କମିଶନ୍‌ରେଟ୍ ପୁଲିସ୍ ରାଜଧାନୀ ଓ ତାର ଉପକଣ୍ଠର ବିଭିନ୍ନ ଆଡ୍ଡେ ଧରପଗଡ଼ କରୁଥିଲା । ପ୍ରତି ଥାନା ଅଞ୍ଚଳରେ ମାସକୁ ୨ରୁ ୩ଟି ସେକ୍ସ ର୍ୟାକେଟ୍ ପୁଲିସ୍ ପଞ୍ଝାରେ ପଡୁଥିଲା। ତେବେ ଏହି ସମୟରେ ଯେଉଁମାନେ ଧରାପଡୁଥିଲେ ପୁଲିସ୍ ସେମାନଙ୍କୁ ଉଦ୍ଧାର କରି ଡାକ୍ତରୀମାଇନା କରାଉଥିଲା । ଡାକ୍ତରୀ ମାଇନା ସମୟରେ ଏମାନଙ୍କର ଏଚ୍ଆଇଭି ଟେଷ୍ଟ ବି ହେଉଥିଲା । ଏବେ ପୁଲିସ୍ ବର୍ଷକୁ ୨/୩ଟି ସେକ୍ସ ର୍ୟାକେଟ୍ ଉପରେ ଚଢ଼ଉ କରୁଛି। ଚଢ଼ଉ ଧୀମା ହେତୁ ଦଲାଲ୍‌ମାନେ ଗଳିକନ୍ଦିରେ ସେକ୍ସ ର୍ୟାକେଟ୍ ଚଳାଉଛନ୍ତି । କେନ୍ଦ୍ର ସରକାରଙ୍କ ତଥ୍ୟ ଠାରୁ ୧୦ ଗୁଣା ଅଧିକ ଦେହଜୀବୀ ରାଜ୍ୟରେ ଅଛନ୍ତି ବୋଲି ବିଭିନ୍ନ ଏନ୍‌ଜିଓ ସଂସ୍ଥାର ସର୍ଭେ ରିପୋର୍ଟ କରୁଛି ।

ଏନ୍‌ଜିଓ ସଂସ୍ଥାର କହିବା କଥା, ରାଜ୍ୟରେ ୫୦ ହଜାରରୁ ଅଧିକ ଦେହଜୀବୀ ଅଛନ୍ତି । କାରଣ କରୋନା ସମୟରେ ଭୁବନେଶ୍ୱରରେ ୩ ହଜାର ମହିଳା ଯୌନକର୍ମୀ ସରକାରୀ ସହାୟତା ନେଇଥିଲେ । କେନ୍ଦ୍ର ସରକାରଙ୍କ ତଥ୍ୟରେ ଉଲ୍ଲେଖ ରହିଛି ଖୋର୍ଦ୍ଧା ଜିଲ୍ଲାରେ ୯୮୭ ଜଣ ଦେହଜୀବୀ ଅଛନ୍ତି । ହେଲେ ପ୍ରକୃତ ସ୍ଥିତି କିଛି ଅଲଗା । କେବଳ ମାଳିସାହିରେ ୧୧ ଶହରୁ ଅଧିକ ଦେହଜୀବୀ କାମ କରୁଛନ୍ତି । ଏହାର ପ୍ରମାଣ ହେଲା ଗତ କରୋନା ସମୟରେ ସରକାର ୧୧୦୦ ଦେହଜୀବୀଙ୍କୁ ଡାଲି, ଚାଉଳ ଓ ଆର୍ଥିକ ସହାୟତା ଦେଇଥିଲେ । ତା'ଛଡା ଭୁବନେଶ୍ୱର ବିଭିନ୍ନ ୱେବ୍‌ସାଇଟ୍‌ରେ ଶହ ଶହ ଯୁବତୀ କାମ କରୁଛନ୍ତି । ସରକାରଙ୍କ ପାଖରେ ଏହାର ଖବର ନାହିଁ ।

# ଉଚ୍ଚ ନ୍ୟାୟାଳୟରେ ବିଚାର ଅପେକ୍ଷାରେ ୬୨ ଲକ୍ଷ ମାମଲା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଲ୍ ମଞ୍ଜୁରୀ ବେଳେ ରାଜ୍ୟପାଳଙ୍କ ଭୂମିକାକୁ ଆହ୍ୱାନ କରି ତାମିଲନାଡୁ ରାଜ୍ୟ ସରକାରଙ୍କ ତରଫରୁ ଦାୟର କରାଯାଇଥିବା ଏକ ଯାଚିକାର ଶୁଣାଣି ବେଳେ ଉଚ୍ଚତମ ନ୍ୟାୟାଳୟ ରାଜ୍ୟପାଳଙ୍କ ଦ୍ୱାରା ବିଲ୍ ମଞ୍ଜୁରୀର ସମୟ ସୀମାକୁ ତିନି ମାସ ପାଇଁ ଧାର୍ଯ୍ୟ କରିଥିଲେ। ତାଙ୍କ ଐତିହାସିକ ରାୟ ଶୁଣେଇବାର ପର ମୁହୂର୍ତ୍ତରେ, ସମ୍ବିଧାନର ଅନୁଚ୍ଛେଦ ୧୪୩ (୧)ରେ ପ୍ରଦତ୍ତ କ୍ଷମତା ବଳରେ ଉଚ୍ଚତମ ନ୍ୟାୟାଳୟ ବିଧାନସଭାରେ ଗୃହୀତ ବିଲ୍ ଉପରେ ରାଷ୍ଟ୍ରପତି/ରାଜ୍ୟପାଳଙ୍କ ମଞ୍ଜୁରୀ ପାଇଁ ନ୍ୟାୟିକ ନିର୍ଦ୍ଦେଶନାମା ଦ୍ୱାରା ସମୟସୀମା ଧାର୍ଯ୍ୟ କରିପାରିବ କି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଚ୍ଚତମ ନ୍ୟାୟାଳୟଙ୍କୁ ପ୍ରଶ୍ନ କରିଥିଲେ। ଉପରୋକ୍ତ ପ୍ରଶ୍ନ ସହ ସମ୍ବିଧାନର ଅନୁଚ୍ଛେଦ ୧୩୧, ୧୪୨, ୧୪୩, ୧୪୫(୩), ୨୦୦, ୨୦୧ ଓ ୩୬୧ ଆଧାରରେ ରାଷ୍ଟ୍ରପତି ଉଚ୍ଚତମ ନ୍ୟାୟାଳୟଙ୍କୁ ମୋଟ ୧୪ଟି ପ୍ରଶ୍ନ ପଚାରିଛନ୍ତି। ଅନୁଚ୍ଛେଦ ୨୦୦ ଅନୁଯାୟୀ, ରାଜ୍ୟପାଳ ଗୋଟିଏ ବିଲ୍‌କୁ ମଞ୍ଜୁର କରିପାରନ୍ତି, ମଞ୍ଜୁରୀକୁ ଅଟକେଇ ଦେଇପାରନ୍ତି କିମ୍ବା ଏହାକୁ ରାଷ୍ଟ୍ରପତିଙ୍କ ବିଚାର ପାଇଁ ପଠାଇପାରନ୍ତି। ରାଷ୍ଟ୍ରପତିଙ୍କ ପାଇଁ ସଂରକ୍ଷିତ ହୋଇଥିବା ବିଲ୍‌କୁ ଅନୁଚ୍ଛେଦ ୨୦୧ ଅନୁଯାୟୀ ରାଷ୍ଟ୍ରପତି ମଞ୍ଜୁରୀ ଦେଇପାରନ୍ତି କିମ୍ବା ଅସ୍ୱୀକାର ବି କରିପାରନ୍ତି। ହେଲେ ସମ୍ବିଧାନର ଉଭୟ ଅନୁଚ୍ଛେଦ ୨୦୦ ଓ ୨୦୧ ଏଭଳି କୌଣସି ସମୟସୀମା ଧାର୍ଯ୍ୟ କରିବା ଉପରେ ନୀରବ ଥିବାରୁ ଏକ ନ୍ୟାୟିକ ନିର୍ଦ୍ଦେଶନାମା ଦ୍ୱାରା ସାମ୍ବିଧାନିକ ନୀରବତାକୁ ଉଲ୍ଲଂଘନ କରାଯାଇପାରିବ ନାହିଁ ବୋଲି ରାଷ୍ଟ୍ରପତି ମତ ବ୍ୟକ୍ତ କରି ଯୁକ୍ତି ବାଢ଼ିଛନ୍ତି ଯେ ଏପରି ନ୍ୟାୟିକ ହସ୍ତକ୍ଷେପ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ସାମ୍ବିଧାନିକ କ୍ଷମତାକୁ ସୀମିତ କରିବା ସହ ସଂଘୀୟ ବ୍ୟବସ୍ଥାକୁ ବିକୃତ କରିବ। ଉଚ୍ଚତମ ନ୍ୟାୟାଳୟଙ୍କ ଉଦ୍ଦେଶ୍ୟ ଥିଲା ଯେ ରାଜ୍ୟପାଳ ଓ ରାଷ୍ଟ୍ରପତି ଲୋକତାନ୍ତ୍ରିକ ପ୍ରକ୍ରିୟାରେ ବାଧା ସୃଷ୍ଟି ନକରନ୍ତୁ ଏବଂ କାଳକ୍ଷେପଣ ନୀତି ନଆପଣେଇ ଏକ ନିର୍ଦ୍ଦିଷ୍ଟ ସମୟସୀମା, ଏଇ ଯେମିତି ତିନିମାସ ଭିତରେ କୌଣସି ବିଲ୍ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରନ୍ତୁ। କିନ୍ତୁ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ସାମ୍ବିଧାନିକ ବିଧି ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀଟିଏ ଠିଆ କରେଇ ଏକ ସଂଘୀୟ ସଙ୍କଟ ସୃଷ୍ଟି କଲା। ବର୍ତ୍ତମାନ ଉଚ୍ଚତମ ନ୍ୟାୟାଳୟ କି ଉତ୍ତର ରଖି ଏ ସଂଘୀୟ ସଙ୍କଟର ସମାଧାନ କରିବେ, ତାହା ଗୁରୁତ୍ୱପୂର୍ଣ୍ଣ।

ଏହି ପରିପ୍ରେକ୍ଷୀରେ ସାମ୍ପ୍ରତିକ ନ୍ୟାୟିକ ବ୍ୟବସ୍ଥାକୁ ନେଇ ଜଣେ ସାଧାରଣ ନାଗରିକ ହିସାବରେ ଆମ ମନରେ କିନ୍ତୁ ଅନେକ ପ୍ରଶ୍ନ। ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ନିଷ୍ପତ୍ତି ନେବା ପାଇଁ ଉଚ୍ଚତମ ନ୍ୟାୟାଳୟଙ୍କ ଉପରୋକ୍ତ ନିର୍ଦ୍ଦେଶନାମା କେବଳ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ କାହିଁକି ? ସେହି ସମାନ ନିର୍ଦ୍ଦେଶନାମା ଜନସ୍ୱାର୍ଥ ସମ୍ବଳିତ ଭାରତର ସମସ୍ତ ସଂସ୍ଥା, ଅନୁଷ୍ଠାନ ଓ ଅଧିକାରୀଙ୍କ ପାଇଁ କାହିଁକି ନୁହେଁ ? ବିଶେଷ ଭାବେ ନିଜେ ଉଚ୍ଚତମ ନ୍ୟାୟାଳୟ ଓ ଦେଶର ସମସ୍ତ ନ୍ୟାୟାଳୟ କାହିଁକି ତିନିମାସ ଭିତରେ ମୋକଦ୍ଦମାଗୁଡ଼ିକର ଫଇସଲା କରିବେ ନାହିଁ ? ଏଫଆଇଆର କିମ୍ବା ମାମଲାଟିଏ ରୁଜୁ ହେବାର ତିନିମାସ ଭିତରେ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇ କାହିଁକି ଦଫାରଫା ନହେବ? ଜନସାଧାରଣ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ କାହିଁକି ନ୍ୟାୟ ପାଇବେ ନାହିଁ ? ସାଧାରଣ ଜନତାଟିଏ ନ୍ୟାୟ ପାଇଁ ତଳ କୋର୍ଟରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ବର୍ଷବର୍ଷ ଧରି କାହିଁକି ଦୌଡୁଥିବ? ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ସମାଲୋଚନା କରିବା ଆମର ଉଦ୍ଦେଶ୍ୟ ନୁହେଁ। ମାତ୍ର 'କହି ଦେଉ ଥାଇ ପରକୁ, ବୁଦ୍ଧି ନଦିଶଇ ଘରକୁ' ନ୍ୟାୟରେ ଉଚ୍ଚତମ ନ୍ୟାୟାଳୟଙ୍କ ନିଷ୍ପତ୍ତି ଗ୍ରହଣଯୋଗ୍ୟ ହେଉ ନାହିଁ। ରାଷ୍ଟ୍ରପତିଙ୍କ ପ୍ରଶ୍ନ ସଂଘୀୟ ବ୍ୟବସ୍ଥା ଉପରେ ଆଧାରିତ। ହେଲେ ଆମର ପ୍ରଶ୍ନ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପାଇଁ ଉଦ୍ଦିଷ୍ଟ।

ଆଜି ଭାରତ ଏକ ଗଭୀର ନ୍ୟାୟିକ ସଙ୍କଟର ଚଉଛକିରେ ଦଣ୍ଡାୟମାନ। ଉଚ୍ଚତମ ନ୍ୟାୟାଳୟଙ୍କ ବାର୍ଷିକ ବିବରଣୀ (୨୦୨୩-୨୪) ତଥା ବିଭିନ୍ନ ଅଧ୍ୟୟନ ଅନୁଯାୟୀ, ଦେଶର ଉପ ନ୍ୟାୟାଳୟ, ଉଚ୍ଚ ନ୍ୟାୟାଳୟ ଓ ସୁପ୍ରିମକୋର୍ଟରେ ଅନ୍ୟୁନ ୫ କୋଟିରୁ ଅଧିକ ମାମଲା ବିଚାରାଧୀନ ରହିଛି। ମୋଟ ବିଚାରାଧୀନ ମାମଲାର ୮୫%, ଅର୍ଥାତ୍ ପାଖାପାଖି ୪.୫ କୋଟି ମାମଲା କେବଳ ଜିଲ୍ଲା ଓ ସେସନ୍ସ କୋର୍ଟରେ ଯାହାର ୮% ଦଶ ବର୍ଷରୁ ଅଧିକ ସମୟ ଧରି ବିଚାରାଧୀନ ଅଛି। ଏଗୁଡ଼ିକରୁ ଅଧିକାଂଶ ଅପରାଧିକ ମାମଲା। ଉଦ୍ଧାହରଣ ସ୍ୱରୂପ, ନଏଡାରେ ୪.୧ ଲକ୍ଷ ମଧ୍ୟରୁ ୩.୮ ଲକ୍ଷ ମାମଲା ଅପରାଧ ସମ୍ପର୍କିତ। ସେହିପରି ଉଚ୍ଚ ନ୍ୟାୟାଳୟମାନଙ୍କରେ ପ୍ରାୟ ୬୨ ଲକ୍ଷ ମାମଲା ବିଚାର ଅପେକ୍ଷାରେ ଯାହାର ୨୧%, ୧୦ ବର୍ଷରୁ ଅଧିକ ସମୟ ଧରି ବିଚାରାଧୀନ ଅଛି ଏବଂ ପ୍ରାୟ ୬୨,୦୦୦ ମାମଲା ୩୦ ବର୍ଷ ଧରି ଚାଲୁଅଛି। ଉଚ୍ଚତମ ନ୍ୟାୟାଳୟର ଅବସ୍ଥା ଅନ୍ୟ ତୁଳନାରେ ଭଲ ହେଲେ ବି ଏଠି ପ୍ରାୟ ୮୩,୦୦୦ ମାମଲା ବିଚାରାଧୀନ ଅଛି ଯାହାର ୬୫%ରୁ ଅଧିକ ମାମଲାରେ ପ୍ରାଥମିକ ଶୁଣାଣି ମଧ୍ୟ ଆରମ୍ଭ ହୋଇନି। ସିଭିଲ୍ ମାମଲାର ୪୧% ଓ ଆପରାଧିକ ମାମଲାର ୪୩% ଭୂମି, ସଂପତ୍ତି, ଅସୁବିଧା, ଠକେଇ ଓ ସ୍ଥାନୀୟ ବିବାଦ ସମ୍ପର୍କିତ। କାରାଗାରରେ ବନ୍ଦୀ ଥିବା ମୋଟ କଏଦୀଙ୍କ ମଧ୍ୟରୁ ୭୦% ବିଚାରାଧୀନ କଏଦୀ, ଯେଉଁମାନେ ବର୍ଷବର୍ଷ ଧରି ଏପରିକି ଦଶନ୍ଧି ଦଶନ୍ଧି ଧରି ନ୍ୟାୟ ଅପେକ୍ଷାରେ। ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ କେବଳ ଏକ ମୂଲ୍ୟହୀନ ନାରା ହୋଇ ରହିଯାଇଛି।

ଏହି ପରିପ୍ରେକ୍ଷୀରେ, ଇତିହାସରେ ଏକ ଅଦ୍ଭୁତ ଉଦାହରଣ ଦେଖିବାକୁ ମିଳେ। ୧୭ଶ ଶତାବ୍ଦୀରେ ଶିବାଜୀଙ୍କ ଶାସନକାଳରେ ମରାଠା ସାମ୍ରାଜ୍ୟ ନ୍ୟାୟ, ଶିକ୍ଷା ଓ ଜନମଙ୍ଗଳ ଉପରେ ଆଧାରିତ ଥିଲା। ସଂପତ୍ତି, ଭୂମି ବିବାଦ କିମ୍ବା ଜଳ ବଣ୍ଟନ ପରି ସାଧାରଣ ମାମଲାଗୁଡ଼ିକୁ ଗାଁ ସ୍ତରରେ କେବଳ ଘଣ୍ଟାଏ ଭିତରେ ସମାଧାନ କରାଯାଉଥିଲା। ଛୋଟ ଅପରାଧ- ଯଥା ଚୋରି, ମାରପିଟ କିମ୍ବା ଅନ୍ୟାନ୍ୟ ଦୃଶ୍ୟମାନ ଅପରାଧଗୁଡ଼ିକୁ ସ୍ଥାନୀୟ ଅଧିକାରୀଙ୍କ ଦ୍ୱାରା ଦିନକ ମଧ୍ୟରେ ସମାଧାନ ହେଇପାରୁଥିଲା। ଏହାଠାରୁ ବଡ଼ ମାମଲା, ଯଥା ଶାରୀରିକ ନିର୍ଯାତନା, ଭୂମି ଜବରଦଖଲ, ପୁନଃ ଅପରାଧ କିମ୍ବା ଅନ୍ୟାନ୍ୟ ଗମ୍ଭୀର ଅଭିଯୋଗ ସୁବେଦାରମାନଙ୍କ ଦ୍ୱାରା ଗୋଟିଏ ସପ୍ତାହ ମଧ୍ୟରେ ସମାଧାନ ହେଉଥିଲା। ଦେଶ ତଥା ନୀତି ସମ୍ବଳିତ କିମ୍ବା ରାଜନୈତିକ ମାମଲା ସ୍ୱୟଂ ଶିବାଜିଙ୍କ ରାଜଦରବାରରେ ଶୁଣାଯାଉଥିଲା ଓ ଏହି ମାମଲାଗୁଡ଼ିକୁ ଦୁଇ ତିନି ସପ୍ତାହରେ ଅନ୍ତିମ ନିଷ୍ପତ୍ତି ମିଳୁଥିଲା। ଏହି ସମୟରେ ନା ଥିଲା ଇଣ୍ଟରନେଟ୍, ନା ଥିଲା ଡାଟା ବେସ୍, ନା ଥିଲା ଏଆଇ, ନା ଥିଲା ଇ-ଫାଇଲିଂ। ଯାହା ଥିଲା, କେବଳ ଶିବାଜିଙ୍କ ଅଷ୍ଟପ୍ରଧାନ ମଣ୍ଡଳର ନ୍ୟାୟାଧୀଶ ଓ ପଣ୍ଡିତରାଓଙ୍କ ଦ୍ୱାରା ନ୍ୟାୟ ବ୍ୟବସ୍ଥାରେ ନିୟମିତତା ଓ ଧାର୍ମିକ ଅନୁଶାସନ ସହ ପ୍ରଜାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ଏକ ରାଜନୈତିକ ନିଷ୍ଠା ଓ ପ୍ରତିବଦ୍ଧତା। ଶିବାଜିଙ୍କ ତ୍ୱରିତ ଓ ନ୍ୟାୟପୂର୍ଣ୍ଣ ବ୍ୟବସ୍ଥା କେବଳ ଏକ ଇତିହାସ ନୁହେଁ- ଏହା ଗୋଟିଏ ସ୍ମୃତି, ଏକ ପ୍ରେରଣା ଓ ଗୋଟିଏ ରୋଡମ୍ୟାପ୍- ଯାହା ଏହି ମନ୍ତ୍ର ଦେଇଥାଏ: ତ୍ୱରିତ ନ୍ୟାୟ କେବଳ ଆଧୁନିକତାର ଏକ ବିଳାସପୂର୍ଣ୍ଣ ବ୍ୟାପାର ନୁହେଁ; ଏହା ଏକ ନିଷ୍ଠାର ଫଳ।

ଦୁର୍ଭାଗ୍ୟବଶତଃ, ଆଜିର ଡିଜିଟାଲ ଦୁନିଆରେ ସେକାଳ ପଖାଳର ଘୋର ଅଭାବ। ଏକବିଂଶ ଶତାବ୍ଦୀରେ ତ୍ୱରିତ ନ୍ୟାୟ ପ୍ରଦାନରେ ବିଳମ୍ବର ମୂଳ କାରଣ ହେଉଛି ନିମ୍ନ ଅଦାଲତରେ ବିଚାରପତିଙ୍କ ଅଭାବ। ୨୦୨୩ ଆରମ୍ଭରେ ପ୍ରାୟ ୫,୦୦୦ରୁ ଅଧିକ ବିଚାରପତି ପଦ ଖାଲି ଥିଲା। ତଥ୍ୟାନୁସାରେ, ହାଇକୋର୍ଟଗୁଡିକରେ ଜୁଲାଇ ୨୦୨୪ ସୁଦ୍ଧା ୧,୧୧୪ ମଧ୍ୟରୁ ୩୩୨ ବିଚାରପତି ପଦ ଖାଲି ଥିଲା। ଭାରତରେ ପ୍ରତି ୧୦ ଲକ୍ଷ ଲୋକ ପାଇଁ ମାତ୍ର ୨୧ ଜଣ ବିଚାରପତି ଅଛନ୍ତି, ଯାହା ବ୍ରିଟେନରେ ୫୧ ଓ ଆମେରିକାରେ ୧୦୭। ଅଧିକନ୍ତୁ, ଅଦାଲତ ଭବନର ଅଭାବ, ଟେକ୍ନୋଲୋଜି ଓ ପ୍ରଶିକ୍ଷଣର ଅଭାବ, ଅନୁବାଦରେ ବିଳମ୍ବ, ଆବେଦନ ପ୍ରକ୍ରିୟାରେ ଜଟିଳତା ଏବଂ ଅଦାଲତ ଓ ଆଇନଜୀବୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ଏହି ବିଳମ୍ବକୁ ଆହୁରି ବଢ଼ାଇଛି । ଅନେକ ଅଞ୍ଚଳରେ ଆଇନଜୀବୀଙ୍କ ଅଭାବ ମଧ୍ୟ ବିଳମ୍ବକୁ ପ୍ରଭାବିତ କରେ। ବିଳମ୍ବର ଅନ୍ୟ ଏକ କାରଣ ହେଉଛି ଅସଂଖ୍ୟ ଅପିଲ ମାମଲା, ଯାହା ବହୁ ମାତ୍ରାରେ ନିମ୍ନ ଅଦାଲତରୁ ଆସେ ଯେଉଁଠି ପ୍ରାୟ ୪୬% ମାମଲାରେ ସରକାର ପ୍ରତିପକ୍ଷ ଭାବେ ରହିଥାନ୍ତି ।

ଏହି ସମସ୍ୟାଗୁଡ଼ିକୁ ଦୂର କରିବା ପାଇଁ ଫାଷ୍ଟ-ଟ୍ରାକ୍ କୋର୍ଟ ସ୍ଥାପନ କରିବା ସହ କିଛି ପଦକ୍ଷେପ ଗ୍ରହଣ କରାଯାଇଛି ସତ କିନ୍ତୁ ୧,୦୨୩ଟି ଅଦାଲତ ଗଠନ ଲକ୍ଷ୍ୟ ଥିଲେ ବି ରାଜ୍ୟ ସରକାରମାନଙ୍କ ରୁଚି ଓ ବିଚାରପତି ଅଭାବରୁ ଏହା ୭୯୦ରେ ଅଟକିଯାଇଛି। ଅଗଷ୍ଟ ୨୦୨୩ ପର୍ଯ୍ୟନ୍ତ ୭୫୨ଟି ଅଦାଲତ କାର୍ଯ୍ୟକ୍ଷମ ଥିଲେ। ଡିଜିଟାଲ ଦିଗରେ ମଧ୍ୟ କିଛି ପଦକ୍ଷେପ ଗ୍ରହଣ ହୋଇଛି । ସର୍ବୋଚ୍ଚ ନ୍ୟାୟାଳୟ ହାଇକୋର୍ଟଗୁଡ଼ିକୁ ମାମଲା ରେକର୍ଡ ଡିଜିଟାଇଜ କରିବା ଓ ଏକ ମ୍ୟାନେଜମେଣ୍ଟ ରେଜିଷ୍ଟ୍ରାର ନିଯୁକ୍ତି ପାଇଁ ପରାମର୍ଶ ଦେଇଛନ୍ତି। ଏଥିସହିତ ଅନ୍ୟ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା, ଯେପରିକି ଲୋକ ଅଦାଲତ ଓ ଅନୁରୋଧ ଅନୁମୋଦନ ପ୍ରକ୍ରିୟାକୁ ବଢ଼ାଇ ଭାର ହ୍ରାସ କରିବା ଚେଷ୍ଟା ମଧ୍ୟ ଚାଲିଛି। ପ୍ରସ୍ତୁତି ଅଛି, କିନ୍ତୁ ନାହିଁ ସଂକଳ୍ପ ଓ ନିଷ୍ଠା। ଶିବାଜିଙ୍କ ଶାସନ ଜନସାଧାରଣଙ୍କ ଆଶା ଓ ବିଶ୍ୱାସ ଉପରେ ଗଠିତ ଥିଲା। ଏବର ନ୍ୟାୟ ବ୍ୟବସ୍ଥା ଆଉଥରେ ସେହି ବିଶ୍ୱାସକୁ ଧାରଣ କରିବାର ସମୟ ଉପନୀତ।

# ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ହେବେ କୁକୁଡ଼ା ଚାଷୀ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ହେବେ କୁକୁଡ଼ା ଚାଷୀ। ଦୁର୍ଦ୍ଦିନ ସ୍ଥିତିରେ ଛିଡ଼ା ହେବେ ସରକାର। କୁକୁଡ଼ା ଛୁଆଠାରୁ ଆରମ୍ଭ କରି ଖାଦ୍ୟ ଓ ଔଷଧ ଆଦି ଯୋଗାଇଦେବେ। ଚାଷ ପରେ କୁକୁଡ଼ା ଓ ଅଣ୍ଡା କିଣିବା ସହ ସବୁ ଲାଭାଂଶ ଚାଷୀଙ୍କ ପକେଟ୍‌କୁ ଯିବ। କମ୍ପାନି କି ଟ୍ରେଡର୍ସ ଏହି ଲାଭାଂଶ ନେଇ ପାରିବେନି। ଏହି ମହତ ଲକ୍ଷ୍ୟ ନେଇ ରାଜ୍ୟ ସରକାର ଆରମ୍ଭ କରିଥିଲେ 'ଓପୋଲ୍‌ଫେଡ୍'। କିନ୍ତୁ ସରକାରଙ୍କ ଆନ୍ତରିକତା ଅଭାବରୁ 'ଓପୋଲ୍‌ଫେଡ୍' ଦେବାଳିଆ ସ୍ଥିତିକୁ ଚାଲିଗଲାଣି। ସ୍ଥିତି ଏପରି ଯେ ଚାଷୀଙ୍କୁ ଟଙ୍କା ତ ଦୂରର କଥା କର୍ମଚାରୀଙ୍କୁ ବି ଦରମା ଦେବାକୁ ପାଖରେ ସମ୍ବଳ ନାହିଁ। ଚାଷୀଙ୍କୁ ଟଙ୍କା ଓ କର୍ମଚାରୀଙ୍କୁ ଦରମା ଦେଇନପାରିବାରୁ ଚିକେନ୍ ଫ୍ରେସ୍ ଓ ଫାଷ୍ଟଫୁଡ୍ ବୁଥ୍‌ରେ ତାଲା ଝୁଲିଥିଲା। ତିନିଦିନ ବନ୍ଦ ପରେ ସ୍ଥିତି ସ୍ୱାଭାବିକ ହୋଇଛି ସତ, କିନ୍ତୁ ଏଥିରୁ 'ଓପୋଲ୍‌ଫେଡ୍' କେଉଁ ସଂକଟ ସ୍ଥିତି ଗତି କରୁଛି ଜଳଜଳ ଦିଶୁଛି। ସେପଟେ ଅନ୍ୟ ସମବାୟ ସମିତିକୁ ରାଜ୍ୟ ସରକାର ଯେତିକି ଗୁରୁତ୍ୱ ଦେଉଛନ୍ତି, ସେଭଳି ଗୁରୁତ୍ୱ ପୋଲ୍‌ଟ୍ରି ସମବାୟ ସମିତିକୁ ଦେଉନାହାନ୍ତି। ଆର୍ଥିକ ପ୍ରୋତ୍ସାହନ କଥା ହେଉ କି ଅନ୍ୟାନ୍ୟ ସହଯୋଗ, ସବୁରେ ଊଣା କରାଯାଉଛି। ଯାହା 'ଓପୋଲ୍‌ଫେଡ୍' ଉନ୍ନତିରେ ପ୍ରତିବନ୍ଧକ ସାଜିଛି। ଚିକେନ୍ ଫ୍ରେସ୍‌ରେ ବହୁଦିନରୁ ଦେଶୀ କୁକୁଡ଼ା ମାଂସ ଓ ଦେଶୀ ଅଣ୍ଡା ବିକ୍ରି କରିବାକୁ ଯୋଜନା କରାଗଲାଣି। କିନ୍ତୁ ଆର୍ଥିକ ପ୍ରତିବନ୍ଧକ ପାଇଁ ଏହି ଯୋଜନା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନି। ରାଜ୍ୟରେ ପ୍ରାୟ ୪୦ହଜାର କୁକୁଡ଼ା ଚାଷୀ ଅଛନ୍ତି। ଏଥିରୁ ଅଧିକାଂଶ ଚାଷୀ ଅତିବେଶିରେ ୨ହଜାର, ୪ହଜାର କୁକୁଡ଼ା ଚାଷ କରିପାରୁଛନ୍ତି। ଖର୍ଚ୍ଚ ଅନୁସାରେ ଲାଭ ସେତେଟା ପାଉନାହାନ୍ତି। ବିଭିନ୍ନ କୁକୁଡ଼ା ଚାଷ କମ୍ପାନି ଓ ଟ୍ରେଡର୍ସଙ୍କ ପକେଟ୍‌କୁ ଲାଭାଂଶ ଚାଲିଯାଉଛି। ଏହି ଲାଭାଂଶ ଚାଷୀଙ୍କ ପକେଟ୍‌କୁ ନେବାକୁ ପ୍ରାଣୀ ଓ ମତ୍ସ୍ୟସଂପଦ ବିଭାଗ ଅଧୀନରେ ପୋଲ୍‌ଟ୍ରି ସମବାୟ ସମିତି ଖୋଲିଛି। ସମିତିରେ ଯେଉଁ ଚାଷୀମାନେ ପଞ୍ଜୀକୃତ ହୋଇଥିବେ ସେମାନେ ସିଧାସଳଖ ଓପୋଲ୍‌ଫେଡ୍‌କୁ କୁକୁଡ଼ା ଓ ଅଣ୍ଡା ବିକ୍ରି କରିପାରିବେ। ଓପୋଲ୍‌ଫେଡ୍ ୭ ଦିନ ଭିତରେ ଚାଷୀଙ୍କୁ କୁକୁଡ଼ା ଓ ଅଣ୍ଡାର ଟଙ୍କା ପ୍ରଦାନ କରିବ। ଏହି କୁକୁଡ଼ା, ଅଣ୍ଡା ଚିକେନ୍ ଫ୍ରେସ୍ ଓ ଫାଷ୍ଟଫୁଡ୍ ବୁଥ୍‌ରେ ବିକ୍ରି କରିବେ। ଭୁବନେଶ୍ୱରରେ ୪ଟି ଓ କଟକରେ ଗୋଟିଏ ଚିକେନ୍ ଫ୍ରେସ୍ ରହିଛି। ସେହିଭଳି ଭୁବନେଶ୍ୱରରେ ୪୦ଟି ଓ କଟକରେ ୩୩ଟି ଫାଷ୍ଟଫୁଡ୍ ବୁଥ୍ ରହିଛି। ବିଭିନ୍ନ ଜିଲ୍ଲାରେ ଜିଲ୍ଲା ମୁଖ୍ୟ ପ୍ରାଣୀସଂପଦ ଅଧିକାରୀଙ୍କ ଅଧୀନରେ ଜଣେ ସମବାୟ ନିରୀକ୍ଷକ ରହିଛନ୍ତି। ସେମାନେ ଚାଷୀଙ୍କ ଆବଶ୍ୟକତା ଅନୁସାରେ ସମିତି, ଚିକେନ୍ ଫ୍ରେସ୍, ଫାଷ୍ଟଫୁଡ୍ ବୁଥ୍ ଖୋଲିବାର ରିପୋର୍ଟ ଦେବେ। କିନ୍ତୁ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଭୁବନେଶ୍ୱର ଓ କଟକରୁ ଅନ୍ୟ ଜିଲ୍ଲାକୁ ଡେଇଁ ପାରୁନି ଓପୋଲ୍‌ଫେଡ୍ ଚିକେନ୍ ଫ୍ରେସ୍ ଓ ଫାଷ୍ଟଫୁଡ୍ ବୁଥ୍।





## ରାସ୍ତା ଅବସ୍ଥା ଶୋଚନୀୟ:ତୁରନ୍ତ ମରାମତି ଲୋଡ଼ା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ସୁରକ୍ଷିତ ଯାତାୟାତକୁ ସୁନିଶ୍ଚିତ କରିବା ପାଇଁ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରାଯାଉଛି । ଏପରିକି ବିଭିନ୍ନ ସ୍ଥାନରେ ରାସ୍ତା ଦୁର୍ଘଟଣା ରୋକିବା ପାଇଁ ବିଭିନ୍ନ ଗ୍ଲୋସାଇନବୋର୍ଡ ସହ ରାସ୍ତା ସୁରକ୍ଷା ସଚେତନତା ସତର୍କତା ଫଳକ ଲଗାଉଛନ୍ତି । ହେଲେ କେନ୍ଦୁଝର ପୂର୍ତ୍ତବିଭାଗ କାର୍ଯ୍ୟାଳୟର ଇଞ୍ଜିନିୟରମାନେ ଲୋକଙ୍କ ନିବନ ସୁରକ୍ଷାକୁ ଆଖି ବୁଜିଦେଇଛନ୍ତି । କେନ୍ଦୁଝର ଜିଲ୍ଲାର ହରିଡ଼ାଗୋଠ ଗ୍ରାମ ନିକଟରେ ନରଣପୁର ବ୍ରାହ୍ମଣିପାଳ ରାଜପଥ ଅବସ୍ଥା ଶୋଚନୀୟ ହୋଇପଡିଥିଲେ ମଧ ପୂର୍ତ୍ତବିଭାଗ ନିଦାବିଷ୍ଣୁ ସାଜି ଏହାକୁ ମରାମତି କରିବା ପରିବର୍ତ୍ତେ ଆଖିବୁଜି ଦେଇ ଚୁପ୍ ବସିଛି । ଏହି ରାସ୍ତା ଦେଇ କେନ୍ଦୁଝରର ସର୍ବାଧିକ ଗାଡ଼ି ମୋଟର ଚାଲୁଥିବା ବେଳେ ନିମ୍ନମାନର ରାସ୍ତା କାମ ଲାଗି ପ୍ରତିବର୍ଷ ଏହାର ଅବସ୍ଥା ଶୋଚନୀୟ ହୋଇପଡୁଛି । ଏହି ରାସ୍ତାରେ ଏବେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ପ୍ରତିଦିନ ଏହି ସ୍ଥାନରେ ଅନେକ ଦୁର୍ଘଟଣା ଘଟୁଥିବା ଯୋଗୁ ଅନେକ ଧନଜୀବନ ହାନି ଘଟିଲାଣି । ତୁରନ୍ତ ବର୍ଷା ପୂର୍ବରୁ ପୂର୍ତ୍ତବିଭାଗ ଏହି ସ୍ଥାନକୁ ମରାମତି କରି ସୁରକ୍ଷିତ ଯାତାୟାତ ଅନୁଯାୟୀ ତିଆରି କଲେ ଅନେକ ଦୁର୍ଘଟଣାକୁ ରୋକାଯାଇପାରନ୍ତା ବୋଲି ସ୍ଥାନୀୟ ଜନସାଧାରଣ କହିଛନ୍ତି । ନଚେତ୍ ରାସ୍ତାରେ ଆହୁରି ବଡବଡ଼ ଖାଲଖମା ସୃଷ୍ଟି ହୋଇ ବଡ ଧରଣର ରାସ୍ତା ଦୁର୍ଘଟଣା ଘଟିଲେ ଏଥିପାଇଁ କେବଳ ବିଭାଗ ହିଁ ଦାୟୀ ରହିବ ବୋଲି ନରଣପୁରର ବୁଦ୍ଧିଜୀବୀ କହିଛନ୍ତି ।

## ମାଟିଆଉଟା ଚାଷୀମାନଙ୍କର କୃଷି ବୀମା ଟଙ୍କା ବାଟ ମାରଣା ଅଭିଯୋଗରେ ୩କୋର୍ଟ ଚାଲାଣ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ମାଟିଆଉଟା ପଞ୍ଚାୟତ ଅନକାମୁରା ଗାଁରେ ଜଣେ ଚାଷିଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ବାଟ ମାରଣା ଅଭିଯୋଗରେ ତିନି ଜଣଙ୍କୁ ଖପ୍ରାଖୋଲ ପୋଲିସ ରବିବାର କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ସୂଚନା ଅନୁସାରେ ଅନକାମୁରା ଗାଁର ନନ୍ଦଲାଲ ବରିହାଙ୍କ ଚାଷ ଜମିରେ ୨୦୨୩/୨୪ ମସିହାରେ ପ୍ରଧାମନ୍ତ୍ରୀ ଫସଲ ବୀମା ମାଟିଆଉଟା ଗ୍ରାମର ଦେବାନନ୍ଦ ସାହୁଙ୍କ ଗ୍ରାହକ ସେବା କେନ୍ଦ୍ରରେ ମଧୁସୂଦନ ସାହୁ ଓ ରୋହିତ ସାହୁ ମିଶି କରିଥିଲେ ।



ଉକ୍ତ ବର୍ଷ ମାଟିଆଉଟା ପଞ୍ଚାୟତ ମରୁଡ଼ି ଘୋଷଣା ହୋଇଥିଲା । ତେଣୁ ଫସଲ ବୀମା ଟଙ୍କା ବିଭିନ୍ନ ଚାଷୀ ପାଇଥିଲେ ହେଲେ ନନ୍ଦଲାଲ ବରିହାଙ୍କ ଜମାଖାତାରେ ବିମାରାଶି ଟଙ୍କା ପଡ଼ିନଥିଲା । ତେଣୁ ସେ କୃଷି କାର୍ଯ୍ୟାଳୟରେ ଯୋଗାଯୋଗ କରିଥିବାବେଳେ ତାଙ୍କ ଜମିରେ ଦେବାନନ୍ଦ ସାହୁ, ମାଟିଆଉଟା ଗ୍ରାମର ମଧୁସୂଦନ ସାହୁ ଓ ରୋହିତ ସାହୁ ତାଙ୍କ ଚାଷ ଜମିକୁ ଅନ୍ୟ ଚାଷୀ ନାମରେ ଭାଗ ଚାଷୀ ଭାବରେ ବୀମା କରେଇ ତାଙ୍କ ବୀମା ରାଶି ଟଙ୍କାକୁ ବାଟ ମରଣା କରିଥିବା ଜାଣିଥିଲେ । ଶନିବାର ଚାଷୀ ନନ୍ଦଲାଲ ବରିହା ଖପ୍ରାଖୋଲ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି କେଶ୍ ନମ୍ବର - ୧୪୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ପରେ ଗ୍ରାହକ ସେବା କେନ୍ଦ୍ରର ଏକ ଲାପ୍‌ଟପ୍, ଦୁଇଟି ପ୍ରିଣ୍ଟର, ଏଟିଏମ୍ କାର୍ଡ, ପ୍ରାୟ ୧୨ ହଜାର ଟଙ୍କା ପୋଲିସ ଜବତ କରି, ତଦନ୍ତ ପରେ ଅଭିଯୁକ୍ତ ତିନି ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଗଣମାଧମ ପ୍ରେସ୍‌ମିଟ୍ ମାଧମରେ ସୂଚନା ଦେଇଛନ୍ତି ।



## ରକ୍ଷଣାବେକ୍ଷଣ ଅଭାବରୁ ସୌନ୍ଦର୍ଯ୍ୟ ହରାଉଛି ଗଞ୍ଜାମ ସହର:ଭାଙ୍ଗିରୁଜି ଗଲାଣି ମହାପୁରୁଷଙ୍କ ପ୍ରତିମୂର୍ତ୍ତି

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ସହର ସୌନ୍ଦର୍ଯ୍ୟ ବଢାଇବା ଲାଗି ଗତ ଦୁଇ ବର୍ଷ ତଳେ ଏନ୍‌ଏସି ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଏବଂ ଅନ୍ୟାନ୍ୟ ଆକର୍ଷଣୀୟ ଦୃଶ୍ୟମାନ୍ୟ ନିର୍ମାଣ କରାଯାଇଛି । ସେଥିଲାଗି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ତାହା ଏବେ ଭାଙ୍ଗି ରୁଜି ଗଲାଣି ଆଉ କିଛି ସ୍ଥାନରେ ଆବର୍ଜନା ପୂର୍ଣ୍ଣ ଏବଂ ଅବହେଳିତ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି । ତ୍ରିବେଣୀ ଛକରେ ଅଶ୍ୱରେ ପ୍ରତାପମାନ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି, ବୁଦ୍ଧଦେବଙ୍କ ପ୍ରତିମୂର୍ତ୍ତି, ମହାତ୍ମାଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହର ପ୍ରତିମୂର୍ତ୍ତି, ବିଭିନ୍ନ ପଶୁପକ୍ଷୀଙ୍କ ପ୍ରତିମୂର୍ତ୍ତି, ସାନ କଳାର ଶନି ମନ୍ଦିର ପାର୍ଶ୍ୱରେ ଥିବା ଗଣେଶଙ୍କ ପ୍ରତିମୂର୍ତ୍ତି ଗୁଡ଼ିକୁ ଦେଖିଲେ ପ୍ରଶାସନ ସହରକୁ ଆସୁଥିବା ଲୋକେ ନାକ ଟେକୁଛନ୍ତି । ସେହିପରି ଭାରତୀ ବିଦ୍ୟାପୀଠ ଠାରେ ଓ୍ୱାଟର ଫଲର ରକ୍ଷଣାବେକ୍ଷଣ ଅଭାବ ପରିଲକ୍ଷିତ ହୋଇଛି । ସନ୍ଧ୍ୟା ବେଳେ ଛୋଟ ଛୁଆ ଠାରୁ ଆରମ୍ଭ କରି ବହୁ ଲୋକ ସୁନ୍ଦର ଆକର୍ଷଣୀୟ ଓ୍ୱାଟର ଫଲର ମଜା ଉଠାଉଥିଲେ । ଉପରୋକ୍ତ ସବୁ ଜିନିଷ ତତ୍କାଳୀନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କ ସମୟରେ ନିର୍ମାଣ ହୋଇଥିଲା । ସହରର ଏହି କୀର୍ତ୍ତି ମାନ ଜିନିଷ ଗୁଡିକ ପ୍ରତି ଏନ୍‌ଏସି ପ୍ରଶାସନ ଦୃଷ୍ଟି ଦେଇ ଏହାର ପୁନଃ ଉଦ୍ଧାର କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

## ସ୍ମାର୍ଟ ମଡେଲ୍ ସବ୍ ଷ୍ଟେସନ୍ ନିର୍ମାଣରେ ବିଳମ୍ବ

## ତୁହାକୁ ତୁହା ବିଦ୍ୟୁତ୍ କାଟ୍ ଯୋଗୁଁ ଉପଭୋକ୍ତା ହନ୍ତସନ୍ତ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ସିମନବାଡି ଫିଡ଼ରରେ ଦିନକୁ ଦିନ ବିଦ୍ୟୁତ୍ ବିଭ୍ରାଟ ବଢୁଛି । ତୁହାକୁ ତୁହା ବିଦ୍ୟୁତ୍ କାଟ୍ ଯୋଗୁ ଉପଭୋକ୍ତାମାନେ ହଟହଟା ଭୋଗୁଛନ୍ତି । ବିଦ୍ୟୁତ୍ ବିଭ୍ରାଟକୁ ନଜରରେ ରଖି ବିଦ୍ୟୁତ୍ ବିଭାଗ ପକ୍ଷରୁ ୨୦୧୩ ମସିହାରେ ରାଜ୍ୟରେ ୩ଟି ସ୍ଥାନରେ ପ୍ରଥମ ଥର ପାଇଁ ସ୍ମାର୍ଟ ମଡେଲ ସବ୍‌ଷ୍ଟେସନ୍ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସେଥିରେ ସିମନବାଡି ଅଗ୍ରଣୀ ତାଲିକାରେ ରହିଥିଲା । କୌଣସି କାରଣରୁ ତାହା ସେତିକିବେଳେ ଆରମ୍ଭ ହୋଇପାରିନଥିଲା । ପରବର୍ତ୍ତୀ ୨୦୨୩ ଅର୍ଥାତ୍ ଗୋଟିଏ ଦଶନ୍ଧି ପରେ ସିମନବାଡ଼ି ଠାରେ ସବ୍‌ଷ୍ଟେସନ୍ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଆଜି ସୁଦ୍ଧା ଉକ୍ତ କାର୍ଯ୍ୟ ବିଳମ୍ବରେ ଚାଲିଛି । ଫଳରେ ଉକ୍ତ ଫିଡ଼ରରେ ଥିବା ୮ ପଞ୍ଚାୟତକୁ ଆଜି ସୁଦ୍ଧା ନୂଆ ସବ୍‌ଷ୍ଟେସନ୍‌ରୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ । ଏହି ସବ୍‌ଷ୍ଟେସନ୍‌ରୁ ସିମନବାଡ଼ି, କିରିକୁଟି ଏବଂ କୁଡ଼ାଗାଡ଼ା ୩ଟି ଫିଡ଼ର ବାହାରିବ । ଯାହାଫଳରେ ଆଉ ବିଦ୍ୟୁତ୍ ସମସ୍ୟା ଉପୁଜିବନାହିଁ ବୋଲି କୁହାଯାଉଛି । କିନ୍ତୁ ବହୁ ବିଳମ୍ବ ଯୋଗୁଁ ଉପଭୋକ୍ତା ନିୟମିତ ବିଦ୍ୟୁତ୍ ପାଇବାରୁ ବଞ୍ଚିତ ହେଉଛନ୍ତି । ଏନେଇ ନୂଆ ସବ୍‌ଷ୍ଟେସନ୍ ନିର୍ମାଣ କରୁଥିବା ଠିକା କମ୍ପାନୀର ପ୍ରକଳ୍ପ ପରିଚାଳକ ବିକାଶ ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ସବ୍‌ଷ୍ଟେସନ୍ କାର୍ଯ୍ୟ ସରିଛି ବିଦ୍ୟୁତ୍ ସଂଯୋଗ ସହ ଟେଷ୍ଟିଂ ଶେଷ ହୋଇଛି । କେବଳ ସେଠାରେ ୧୧ କେଭି ବିଦ୍ୟୁତ୍ ପାଇଁ ଫିଡ଼ର କାର୍ଯ୍ୟ ସରିଲେ ଖୁବ୍‌ଶୀଘ୍ର ନୂଆ ୩୩ କେଭି ସବ୍‌ଷ୍ଟେସନ୍‌ରୁ ଉପଭୋକ୍ତା ଉତ୍ତମ ସେବା ପାଇପାରିବେ ।

## ବର୍ଷେ ହେଲା ଜିଲ୍ଲାର ସମସ୍ତ ପୋଷ୍ଟାଲ୍ ଏଟିଏମ୍ ଅଚଳ

## ଟଙ୍କା ଉଠାଣ ପାଇଁ ବିଭିନ୍ନ ଡାକଘରେ ଲାଗୁଛି ଲମ୍ବାଧାଡ଼ି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ଡ଼ାକ ସେବା ଉପରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ବହୁ ଗ୍ରାହକ ନିର୍ଭର କରିଥାନ୍ତି । ବିଭାଗ ପକ୍ଷରୁ ଗ୍ରାହକଙ୍କ ନିମନ୍ତେ ନୂଆ ନୂଆ ଯୋଜନା ମଧ କାର୍ଯ୍ୟକାରୀ କରାଯାଉଛି । ସେହି କ୍ରମରେ କିଛି ବର୍ଷ ପୂର୍ବେ ଗ୍ରାହକଙ୍କ ସୁବିଧା ନିମନ୍ତେ ଭାରତୀୟ ଡ଼ାକ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ୪ଟି ଏଟିଏମ୍ ସ୍ଥାପନ କରାଯାଇଥିଲା । ବିଭାଗର ଏଭଳି ଉନ୍ନତଧରଣର ସେବା ନିମନ୍ତେ ଗ୍ରାହକ ଖୁସି ବ୍ୟକ୍ତ କରିଥିଲେ । ଏବଂ ଏଟିଏମ୍ ସେବାକୁ ନିୟମିତ ବ୍ୟବହାର କରି ଟଙ୍କା ଉଠାଣ ମଧ କରୁଥିଲେ । କିନ୍ତୁ କିଛି ମାସ ପରେ ବିଭାଗ ପକ୍ଷରୁ ସ୍ଥାପିତ ସମସ୍ତ ୪ଟି ଯାକ ଏଟିଏମ୍ ଅଚଳ ହୋଇ ଆଉ ଗ୍ରାହକଙ୍କ ବ୍ୟବହାରରେ ଆସିଲାନାହିଁ । ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହିତ ଅଚଳ ଏଟିଏମ୍‌କୁ ତୁରନ୍ତ ମରାମତି ପାଇଁ ଦାବି କରିଥିଲେ । କିନ୍ତୁ ଦୀର୍ଘ ଏକ ବର୍ଷ ପରେ ମଧ ସେଗୁଡ଼ିକର ମରାମତି ହୋଇପାରିନଥିବା ଦେଖିବାକୁ ମିଳିଛି । ଗଞ୍ଜାମ ଜିଲ୍ଲାରେ ଭାରତୀୟ ଡ଼ାକ ବିଭାଗର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଗ୍ରାହକ ଅଛନ୍ତି । ସେଥିମଧ୍ୟରୁ ବ୍ରହ୍ମପୁର ସ୍ଥିତ ମୁଖ୍ୟ ଡ଼ାକ କାର୍ଯ୍ୟାଳୟରେ ପ୍ରାୟ ୧୮ ହଜାରରୁ ଅଧିକ ଗ୍ରାହକ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୩ ହଜାର ଗ୍ରାହକଙ୍କ ନିକଟରେ ଡ଼ାକ ବିଭାଗ ଦ୍ୱାରା ପ୍ରଦତ୍ତ ଏଟିଏମ୍ କାର୍ଡ଼ ରହିଛି । ସେହିଭଳି ବ୍ରହ୍ମପୁର ସହରର ୨୬ଟି ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ୪୮ଟି ଉପଡ଼ାକ ଘର ଅଧୀନରେ ଲକ୍ଷାଧିକ ଗ୍ରାହକ ରହିଛନ୍ତି । ସେମାନଙ୍କ ନିକଟରେ ପ୍ରାୟ ୧୦ ହଜାରରୁ ଅଧିକ ଏଟିଏମ୍ କାର୍ଡ଼ ରହିଛି । ଏହି କାର୍ଡ଼ ଦ୍ୱାରା ଗ୍ରାହକମାନେ ପୋଷ୍ଟ ଅଫିସ୍ ନଯାଇ ଡ଼ାକ ବିଭାଗର ଏଟିଏମ୍‌ରୁ ଟଙ୍କା ଉଠାଣ କରିବାର ସୁବିଧା ରହିଛି । ଏହାକୁ ଦୃଷ୍ଟିରେ ରଖି ଡ଼ାକ ବିଭାଗ ପକ୍ଷରୁ ଜିଲ୍ଲାର ବ୍ରହ୍ମପୁର, ଛତ୍ରପୁର, ଆସିକା ଓ ଭଞ୍ଜନଗର ଭଳି ପ୍ରମୁଖ ସହରଗୁଡ଼ିକରେ ଗୋଟିଏ ଲେଖାଏଁ ଏଟିଏମ୍ ମେସିନ୍ ସ୍ଥାପନ କରାଯାଇଥିଲା । ଫଳରେ ଏହି ମେସିନ୍ ସାହାଯ୍ୟରେ ଗ୍ରାହକମାନେ ସୁବିଧାରେ ଟଙ୍କା ଉଠାଣ କରୁଥିଲେ । ଜିଲ୍ଲାର ସମସ୍ତ ୪ଟି ଏଟିଏମ୍ ମେସିନ୍‌ର ପରିଚାଳନା ଓ ରକ୍ଷଣାବେକ୍ଷଣା ନିମନ୍ତେ ବିଭାଗ ପକ୍ଷରୁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । କିନ୍ତୁ ଏହି ସଂସ୍ଥାର ଅବଧି ଶେଷ ହେବା ପରେ ବିଭାଗ ପକ୍ଷରୁ କୌଣସି କାରଣରୁ ଅନ୍ୟ କୌଣସି ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇନାହିଁ । ଯଦ୍ୱାରା ଦୀର୍ଘ ଏକ ବର୍ଷ ଧରି ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ସମସ୍ତ ୪ଟି ଏଟିଏମ୍ ମେସିନ୍ ଅଚଳ ହୋଇପଡ଼ିଛି । ଫଳରେ ଟଙ୍କା ଓଠାଣ ନିମନ୍ତେ ଗ୍ରାହକମାନେ ନିକଟସ୍ଥ ପୋଷ୍ଟ ଅଫିସ୍‌କୁ ଯିବାକୁ ବାଧ ହେବା ସହ ଘଣ୍ଟା ଘଣ୍ଟା ଲମ୍ବା ଧାଡ଼ିରେ ଠିଆ ହେଉଥିବା ଦେଖିବାକୁ ମିଳୁଛି । ଏଭଳି ପ୍ରତିଦିନ ହଜାର ହଜାର ଗ୍ରାହକ ଉନ୍ନତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଏଭଳି ପରିସ୍ଥିତିରେ ଅଚଳ ଏଟିଏମ୍ ମେସିନ୍ ଗୁଡ଼ିକ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ ଏବଂ ପୂର୍ବଭଳି ଗ୍ରାହକମାନେ ଏହି ସୁବିଧା ପାଇପାରିବେ ବୋଲି ବ୍ରହ୍ମପୁର ମୁଖ୍ୟ ଡ଼ାକ କାର୍ଯ୍ୟାଳୟର ପୋଷ୍ଟମାଷ୍ଟର କାହ୍ନୁଚରଣ ସାହୁ କହିଛନ୍ତି ।

## ବିପର୍ଯ୍ୟସ୍ତ ଅବସ୍ଥାରେ ଧାମନଗର ଶିଶୁ ବିଭାଗ

## ଶତାଧିକ ଅଙ୍ଗନବାଡ଼ି କେନ୍ଦ୍ରର ଘର ନାହିଁ:ଦାଣ୍ଡରେ ବସି ପିଲା ପଢୁଛନ୍ତି ପାଠ



**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରେ ଶିଶୁ ବିକାଶ କାର୍ଯ୍ୟକ୍ରମ ବିପର୍ଯ୍ୟସ୍ତ ଅବସ୍ଥାରେ ଚାଲିଛି । ନା ଅଛି ଭିତିଭୂମି ନା ମିଳୁଛି ଆନୁସଙ୍ଗିକ ସୁବିଧା । ବ୍ଲକରେ ମୋଟ ୩୫୩ଟି ଅଙ୍ଗନବାଡ଼ି ଓ ମିନି ଅଙ୍ଗନବାଡ଼ି କେନ୍ଦ୍ର ରହିଛି । ତା ଭିତରୁ ୧୨୮ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନାହିଁ । ଏସବୁ ଅଙ୍ଗନବାଡ଼ି କାହା ଘରେ ତ କାହା ପିଣ୍ଡାରେ ଚାଲିଛି । କିଛି ଅଙ୍ଗନବାଡ଼ିର କର୍ମୀ ନିଜ ଘରେ ଚଲାଉଛନ୍ତି ତ କିଏ ଗାଁ ଠାକୁର ଘର ପିଣ୍ଡାରେ ପିଲାଙ୍କୁ ପଢ଼ାଉଛନ୍ତି । ସୂଚନା ଥାଉ କି ୧୭୬ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ରହିଛି । ବିଭିନ୍ନ ପଞ୍ଚାୟତରେ ୪୫ଟି କେନ୍ଦ୍ର ନିର୍ମାଣାଧିନ ଅବସ୍ଥାରେ ଥିଲାବେଳେ ୪ଟି ତିଆରି ସରିଥିଲେ ବି ବିଲ୍ ହୋଇନଥିବାରୁ ଠିକାଦାର ତାହାକୁ ହସ୍ତାନ୍ତର କରିନାହାନ୍ତି ଚାବି ପକାଇ ରଖିଛନ୍ତି । ବ୍ଲକରେ ଏବେ ୬ଟି ଅଙ୍ଗନବାଡ଼ି କେନ୍ଦ୍ର ଭଡ଼ାଘରେ ଓ ୪୪ଟି କେନ୍ଦ୍ର ସ୍କୁଲରେ ଚାଲିଛି । ବାକି ୧୨୭ଟି ଅଙ୍ଗନବାଡ଼ି କେନ୍ଦ୍ର ଗାଁରେ ଥିବା କମ୍ୟୁନିଟି ସେଣ୍ଟରରେ କାର୍ଯ୍ୟ କରୁଛି । ଭଡ଼ାଘର ଓ କମ୍ୟୁନିଟି ସେଣ୍ଟରରେ ଚାଲୁଥିବା ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ଓ ପିଲାମାନେ ହଇରାଣ ହେଉଛନ୍ତି । ପିଇବା ପାଣିର ସୁବିଧା ନାହିଁ କି ଶୌଚାଳୟ ବ୍ୟବସ୍ଥା ନାହିଁ । ଏଣୁ ପିଲାଙ୍କୁ ରନ୍ଧା ଖାଦ୍ୟ ଦେବା କାଠିକର ପାଠ ହୋଇଯାଉଛି । ନିଜସ୍ୱ ଘର ନଥିବାରୁ ଟେକ୍ ହୋମ୍ ରାସନ ବା ଟିଏଚ୍‌ଆର ସାମଗ୍ରୀ ରଖିବାରେ ସମସ୍ୟା ଦେଖାଦେଉଛି । ମାସକୁ ମାସ ଆସୁଥିବା ଚାଉଳ, ଛତୁଆ, ଅଣ୍ଡା ଓ ଲଡୁ ସାଇତି ରଖି ପାରୁନାହାନ୍ତି କର୍ମୀ । ଯାହାକୁ ନେଇ କର୍ମୀ ଓ ଲୋକଙ୍କ ମଧରେ ଅସନ୍ତୋଷ ଲାଗି ରହିଛି । ମେ ମାସର ସୂଚନା ଅନୁସାରେ ୬ ମାସରୁ ୩ ବର୍ଷ ମଧରେ ୬୫୨୯, ୩ ବର୍ଷରୁ ୫ ବର୍ଷ ମଧରେ ୫୩୫୪ ଓ ୫ ବର୍ଷରୁ ୬ ବର୍ଷ ମଧରେ ୮୩୮ ଜଣ ଶିଶୁ ଅଙ୍ଗନବାଡ଼ି କେନ୍ଦ୍ରରେ ପଞ୍ଜୀକରଣ ହୋଇଛନ୍ତି । ଧାମନଗର ଅଞ୍ଚଳରେ ଏବେ ଝାଡ଼ାବାନ୍ତି ବ୍ୟାପିଥିବାରୁ ଘର ନଥିବା ଅଙ୍ଗନବାଡ଼ି କେନ୍ଦ୍ରର ପିଲାଙ୍କ ପାଇଁ ବିପଦ ରହିଛି । ଘର ନଥିବାରୁ ବିଶୁଦ୍ଧ ପାନୀୟ ଜଳର ସୁବିଧା ମଧ ନାହିଁ । ଏ ଦିଗରେ ଧାମନଗର ବିଧାୟକ ତଥା ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ତଥା ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଦୃଷ୍ଟି ଦେବାସହ ଶିଶୁ ବିଭାଗର ବିଭିନ୍ନ ଅସୁବିଧାକୁ ପୂରଣ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି ।



## ପାଲୁର ଜଙ୍କସନ୍ ଓଭର୍ ବ୍ରିଜ୍ ତଳ ରାସ୍ତାରେ ବିଶାଳ ଗର୍ତ୍ତ: ପଥଚାରୀ ହନ୍ତସନ୍ତ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

୧୬ନଂ ଜାତୀୟ ରାଜପଥ ପାଲୁର ଜଙ୍କସନ୍ ବ୍ରିଜ୍ ତଳ ରାସ୍ତା ବିଶାଳ ଗର୍ତ୍ତ ଓ ଖଣ୍ଡିଆ ଖାବରା ଯୋଗୁଁ ଦିବାରାତ୍ର ଉପରୋକ୍ତ ରାସ୍ତା ଦେଇ ବର୍ଷା ପାଣି ଜମି ରହିବା ଫଳରେ ଅନେକ ଦୁର୍ଘଟଣା ଘଟୁଥିବା ଖବର ମିଳୁଛି । ପ୍ରତିଦିନ ହଜାର ହଜାର ଯାନବାହାନ ସେହି ରାସ୍ତା ଦେଇଯାଉଥିଲା ବେଳେ ପୂର୍ବରୁ ଓଭର୍ ବ୍ରିଜ୍ ନିର୍ମାଣ ଚାଲିଥିବା ଯୋଗୁଁ ବ୍ରିଜ୍ ତଳ ପଟ ରାସ୍ତା ଓଭର ଲୋଡ଼ ଟ୍ରକ ଯାତାୟାତ କରୁଥିଲା । ଯାହାଫଳରେ ରାସ୍ତା ଖଣ୍ଡିଆ ଖାବରା ହୋଇ ମରଣଯନ୍ତା ହୋଇଯାଇଛି । କିନ୍ତୁ ବ୍ରିଜ୍ ନିର୍ମାଣ ସରିବା ପରେ ସେହି ରାସ୍ତାକୁ ଠିକାଦାରମାନେ ପିଚୁ ଢ଼ାଳି ରାସ୍ତାକୁ ମରାମତି କରିନଥିବା ଅଭିଯୋଗ ହୋଇଛି । ପାଲୁର ଜଙ୍କସନ୍ ଛକକୁ ଗଞ୍ଜାମ ବ୍ଲକ ଓ ପୁରୀ ଜିଲ୍ଲା ରାସ୍ତା ସଂଯୋଗ ହୋଇଛି । ନିକଟସ୍ଥ ଗଞ୍ଜାମ ବ୍ଲକର ୨୨ଟି ପଞ୍ଚାୟତର ଲୋକେ ଚଳପ୍ରଚଳ । କିନ୍ତୁ ରାସ୍ତାର ଅବସ୍ଥା ଖରାପ ହେବା ଯୋଗୁଁ ଗର୍ତ୍ତ ସ୍ଥାନରେ ବର୍ଷା ପାଣି ଜମି ରହୁଛି । ଗର୍ତ୍ତଟି କେତେ ଗଭୀର ତାହା ମଧ ମାପି ହେଉନାହିଁ । ଯାହାଫଳରେ ପ୍ରତ୍ୟେକ ଦିନ ଦୁଇ ଚକିଆ ଯାନ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ରାସ୍ତାର ମରାମତି କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

## ମୋବାଇଲ ସୋ ରୁମରୁ ଟଙ୍କା ଓ ମୋବାଇଲ ଚୋରି :ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରର ତଦନ୍ତ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ପୀରହାଟ ବଜାରରେ ଥିବା ଶ୍ରୀକ୍ଷେତ୍ର କମ୍ୟୁନିକେଶନ ନାମକ ଏକ ମୋବାଇଲ ସୋରୁମ୍‌ରୁ ଶନିବାର ରାତିରେ ଟଙ୍କା ଓ ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ପୀରହାଟ ପୋଲିସ ୧୬୨/୨୫ରେ ଏକ ମକଦ୍ଦମା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି । ଖବରପାଇ ଭଦ୍ରକରୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଆସି ଘଟଣାର ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି । ପ୍ରକାଶ ଯେ, ଦକ୍ଷିଣ ଦୌଲତପୁର ଗ୍ରାମର ବିଶ୍ୱରଞ୍ଜନ ମହାନ୍ତିଙ୍କର ପୀରହାଟ ବଜାରରେ ଏକ ମୋଇଲ ସୋରୁମ୍ ଅଛି । ସେ ଦୀର୍ଘ ୭ ବର୍ଷ ହେବ ସୋରୁମ୍ ଖୋଲି ବ୍ୟବସାୟ ଚଳାଇଥିଲେ । ଶନିବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ତାଙ୍କ ସୋରୁମର କବାଟ ଭାଙ୍ଗି ବିଭିନ୍ନ କମ୍ପାନୀର ମୋବାଇଲ ସହିତ ବ୍ୟାଟେରି, ଚାର୍ଜର ଓ ଟଙ୍କା ଚୋରି କରିନେଇଥିଲେ । ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଅଧିକ ହେବ । ସୋରୁମ୍‌ରେ ଥିବା କ୍ୟାସ୍ ବାକ୍ସରୁ ୫୦ ହଜାର ଟଙ୍କା ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ବିଶ୍ୱରଂଜନ ଅଭିଯୋଗରେ ଦର୍ଶାଇଛନ୍ତି । ସେହିଦିନ ରାତିରେ ବିଶ୍ୱରଂଜନଙ୍କ ଭାଇ ସୋରୁମ୍‌ର ଉପର ମହଲାରେ ଶୋଇଥିଲେ । ସେ ସକାଳୁ ସୋରୁମ୍‌ରୁ ଚୋରି ହୋଇଥିବା ସମ୍ପର୍କରେ ତାଙ୍କ ଭାଇ ବିଶ୍ୱରଂଜନଙ୍କୁ ଜଣାଇଥିଲେ ।

## ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ରିମୁଳି-ଇଚିଣ୍ଡା ଅରଡେଇ ପୋଲ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ୧୪ ବର୍ଷ ଧରି ନିର୍ମାଣାଧୀନ ଅବସ୍ଥାରେ ଥିବା ରିମୁଳି - ଇଚିଣ୍ଡା ଅରଡେଇ ପୋଲ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବା ନେଇ ସମ୍ଭାବନା ସୃଷ୍ଟି ହୋଇଛି । ପୋଲର ଆପ୍ରୋଚ୍ ରୋଡ ପାଇଁ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ଅଧକ୍ଷତାରେ ରିମୁଳି ୟୁପି ସ୍କୁଲରେ ଏକ ଗ୍ରାମସଭାର ଆୟୋଜନ ହୋଇଥିଲା । ଉକ୍ତ ସଭାରେ ରିମୁଳି ଗ୍ରାମବାସୀ ଓ ପୋଲର ଆପ୍ରୋଚ ରୋଡ ପାଇଁ ଜମି ହରାଉଥିବା ବ୍ୟକ୍ତିମାନଙ୍କୁ ନେଇ ଆଲୋଚନା କରାଯାଇଥିଲା । ଏହି ଆଲୋଚନାରେ ଚମ୍ପୁଆ ଉପଜିଲ୍ଲାପାଳଙ୍କ ଉଦ୍ୟମ ଯୋଗୁଁ ଆପ୍ରୋଚ ରୋଡ ପାଇଁ ଲାଗି ରହିଥିବା ଜମି ସମସ୍ୟାର ସମାଧାନ ନେଇ ସହମତି ପ୍ରକାଶ ପାଇଥିବା ଜଣାପଡିଛି । ସୂଚନା ଯୋଗ୍ୟ କି ୨୦୧୧ରୁ ଆରମ୍ଭ ହୋଇଥିବା ଏହି ପୋଲର ନିର୍ମାଣ ସରିବା ପାଇଁ ତିନି ବର୍ଷ ଅବଧି ଥିବାବେଳେ ବିଭାଗୀୟ ଆନ୍ତରିକତା ଓ ଅପାରଗତା ପାଇଁ ଦୀର୍ଘ ୧୪ ବର୍ଷ ବିତିଯାଇଥିଲେ ମଧ ପୋଲଟି ଅଧାପନ୍ତରିଆ ଅବସ୍ଥାରେ ପଡିଛି । ପୋଲ ନିର୍ମାଣ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆଉ ଅଳ୍ପ କିଛି କାମ ବାକି ରହିଛି । ତେବେ ପୋଲର ଆପ୍ରୋଚ ରୋଡ ନିର୍ମାଣ ହୋଇପାରୁ ନଥିବାରୁ ପୋଲଟି ଲୋକଙ୍କ କାର୍ଯ୍ୟରେ ଆସି ପାରୁନଥିଲା । ଆପ୍ରୋଚ ରୋଡର କିଛି ଅଂଶ ଲୋକଙ୍କ ବ୍ୟକ୍ତିଗତ ଜମି ଉପରେ ଯାଉଥିବାରୁ ଜମି ଅଧିଗ୍ରହଣ ନେଇ ଆପ୍ରୋଚ ରୋଡ କାମ ଅଟକି ରହିଥିଲା । ଏହି ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନଥିବାରୁ ଚମ୍ପୁଆ ଉପଖଣ୍ଡର ୨୫ଟି ପଞ୍ଚାୟତର ଲକ୍ଷାଧିକ ଲୋକେ ନାହିଁନଥିବା ହଇରାଣ ହେଉଥିଲେ । ତେବେ ଚମ୍ପୁଆ ଉପଜିଲ୍ଲାପାଳଙ୍କ ଉଦ୍ୟମ ଯୋଗୁଁ ପୋଲ କାମ ସମ୍ପୂର୍ଣ୍ଣ ହେବା ନେଇ ଆଶା ସୃଷ୍ଟି ହୋଇଛି । ଏହି ସଭାରେ ଚମ୍ପୁଆ ତହସିଲଦାର ସଜତ ମାର୍କି, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ପ୍ରଧାନ, ରିମୁଳି ରାଜସ୍ୱ ନୀରିକ୍ଷକ ରାମେଶ୍ୱର ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ଠିକା ସଂସ୍ଥା ଦ୍ୱାରା ଆପ୍ରୋଚ ରୋଡରେ ମାଟି ପକା କାର୍ଯ୍ୟ ଆରମ୍ଭ ହୋଇଛି । ଉପଜିଲ୍ଲାପାଳ ବିଭାଗୀୟ ଅଧିକାରୀ ଓ ପୋଲ ନିର୍ମାଣକାରୀ ଠିକା ସଂସ୍ଥାକୁ ଅତିଶୀଘ୍ର ପୋଲ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

## ଜଣକୁ ନିର୍ମମ ହତ୍ୟା:ଚାରି ଜଣ ଥାନାରେ ଅଟକ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଘୁନେଶ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖୁଜେନ ଗାଁର ତୁଲାରାମ ଜାନି (୫୫) ଘରଦ୍ୱାରରେ ଶୋଇଥିବା ବେଳେ ବେକକୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି । ପତ୍ନୀ ତିଲତମା ଜାନୀ (୫୦) ଓ ଝିଅ ଗାୟତ୍ରୀ ଜାନୀ (୧୯) କହିବା ମୁତାବକ, ପୂର୍ବରୁ ଭାଇ ଭାଇ ମଧରେ ଟଣାଓଟରା ଲାଗି ରହିଥିଲା । କିଛି ବର୍ଷ ତଳେ ତୁଲାରାମ ଜାନିଙ୍କ ବଡ଼ ଭାଇ ଶୁଲାଉନ ଜାନୀ ବହୁମୂତ୍ର ଓ କ୍ରିଟିନୀନ୍ ରୋଗରେ ପୀଡିତ ହୋଇ ମୃତ୍ୟୁ ହୋଇଥିଲା । ଏନେଇ ପୂର୍ବରୁ ରାଗ ରଖି ଗତ ରାତି ପ୍ରାୟ ୯ଟା ସମୟରେ ଘରଦ୍ୱାରରେ ଶୋଇଥିବା ବେଳେ ହତ୍ୟା କରାଯାଇଥିବା ଘଟଣା ସଂପର୍କରେ ସ୍ଥାନୀୟ ପୋଲିସ ପ୍ରଶାସନଙ୍କୁ ଜଣାଇବାରୁ ପୋଲିସ୍ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ଚାରି ଜଣଙ୍କୁ ଥାନାରେ ଅଟକ ରଖିଥିବା ଦୁହେଁ ତିଲୋତମା ଓ ଝିଅ ଗାୟତ୍ରୀ ଜାନୀ କହିଛନ୍ତି । ଏନେଇ ପୋଲିସ ପ୍ରଶାସନ ତୁରେକେଲା ଗୋଷ୍ଠୀ ଚିକିତ୍ସାଳୟକୁ ନେଇ ଶବ ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ଗୋଷ୍ଠୀ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିବା ଜଣାପଡିଛି । ଏପଟେ ଗୋଟିଏ ବୋଲି ଝିଅ ଗାୟତ୍ରୀ ଜାନୀକୁ ବର୍ଷକୁ ୨୦ ହଜାର ଟଙ୍କା ଦେଇ ଭୁବନେଶ୍ୱରରେ ପାଠ ପଢ଼ାଉଥିବା ଗାୟତ୍ରୀ କହେ । ଗାୟତ୍ରୀ କହେ ଯେ, ମୁଁ ବର୍ତମାନ +୩ ପରୀକ୍ଷା କେମିତି ଦେବି ? ମୋର ବାପା ବଞ୍ଚିଥିଲେ ବୋଲି ମୋ ପାଇଁ ଟଙ୍କା ଖର୍ଚ୍ଚ କରି ପାଠ ପଢ଼ାଉ ଥିଲେ । ମୋର ମା କେଉଁଠି କି କାମ କରି ମତେ ପାଠ ପଢ଼ାଇ ପାରିବ ବୋଲି ଚିନ୍ତିତ । ଏଥିପ୍ରତି ପ୍ରଶାସନ ଗାୟତ୍ରୀ ଜାନୀକୁ ଏକ ଦୃଷ୍ଟିଗୋଚର ନିଆଗଲେ ସୁଚାରୁରୂପେ ତାଙ୍କ ଭବିଷ୍ୟତ ଗଢି ପାରିବ ବୋଲି ଜନସାଧାରଣ କହିଛନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୪।୬।୨୦୨୫, ଆଷାଢ଼ ଦି୧୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୦୯।୩୩** **ଚନ୍ଦ୍ରୋଦୟ- ନିଘ ୪।୩୬।୧୨**

**ଚତୁର୍ଦ୍ଦଶୀ-** ସଂଘ ୭।୦୧ ପର୍ଯ୍ୟନ୍ତ । **ରୋହିଣୀ ନକ୍ଷତ୍ର-** ଦିଘ ୧୨।୫୪ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ରାଘ ୧୧।୪୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । ରାଘ ୧୧।୪୬ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । ରାଘ ୧୧।୪୬ ଗତେ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ସଂଘ ୭।୦୧ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୩ ଗତେ ଘ ୬।୫୨ ମଧ୍ୟେ ଦିଘ ୯।୪୦ ଗତେ ଘ ୧୨।୫୦ ମଧ୍ୟେ । **ପର୍ବୋତ୍ସବ-** ଶିବୋପାସ ବେଢ଼ା ପରିକ୍ରମା, ଅମାବାସ୍ୟାର ନିଶାପାଳନ ।



**ମେଷ:** ପରିଶ୍ରମର ପରିମାଣ ଅଧିକ ହେବ । ଦୟାଳୁ ସ୍ୱଭାବଯୁକ୍ତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଆନନ୍ଦ ଲାଭ ହେବ । ହଠାତ୍ ଶୁଭ ଖବର ମିଳିପାରେ । ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ ।



**ବୃଷ:** କର୍ମକ୍ଷେତ୍ରରେ ବିଦ୍ରୋହ ଦେଖାଦେବ । ଏଣୁ ପରିଶ୍ରମୀ ହୋଇପାରନ୍ତି । ସୁସ୍ୱାଦୁ ଭୋଜନ ପ୍ରାପ୍ତ ହେବ । ରୋଜଗାର ମଧ୍ୟମ ଧରଣର ହେବ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ଲାଭ କରିବେ । ଗୃହେ ଆନନ୍ଦ ଦେଖାଦେବ ।



**ମିଥୁନ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଆୟରେ ଉନ୍ନତି ହେବ । ଦେହ ଓ ମନ ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଶୁଭ ଖବର ମିଳିବାର ସମ୍ଭାବନା ମଧ ରହିଛି ।



**କର୍କଟ:** ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲରେ ବିଳମ୍ବ ହେବ । ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ଜାତ କରିବ । ସାମାଜିକ ସ୍ତରରେ ସୁଖ ସମ୍ମାନ ଲାଭ କରିବେ । ଲକ୍ଷ୍ୟ ହାସଲ କରିବେ ।



**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ । ଆୟର ପରିମାଣ ବଢ଼ିବ । ମାଲିମୋକଦ୍ଦମାରେ ବିଜୟ ହାସଲ କରିବେ । ଶରୀର ସୁସ୍ଥ ରହିବ । ସୁସମ୍ବାଦ ଲାଭ କରିବେ । ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ଯୋଗ ମଧ ରହୁଛି ।



**କନ୍ୟା:** କର୍ମକ୍ଷେତ୍ରରେ ସହଯୋଗ ଦେଖାଦେବ । ଖର୍ଚ୍ଚର ପରିମାଣ ବଢ଼ିବ । ପାରିବାରିକ କଳହ ଓ ଅଶାନ୍ତି ଦେଖାଦେବ । ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହେବ । ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ ।



**ତୁଳା:** ପରୋପକାରୀ ହେବେ । ଯାନବାହାନ କ୍ରୟ କରିପାରନ୍ତି । ରୋଜଗାର ଭଲ ହେବ । ଯଶଖ୍ୟାତି ବଢ଼ିବାର ସୂଚନା । ଶରୀର ଅସୁସ୍ଥ ରହିବ । ପାରିବାରିକ ସମସ୍ୟାର ସମାଧାନ ହେବ । ନୂତନ କାର୍ଯ୍ୟାରମ୍ଭ ହେବ ।



**ବିଛା:** ଶାରୀରିକ ପୀଡ଼ା ଦେଖାଦେବ । ପାରିବାରିକ ଅଶାନ୍ତି ଦେଖାଦେବ । ଆୟ ସ୍ଥିର ରହିବ । ବନ୍ଧୁଙ୍କ କାର୍ଯ୍ୟ ନିମନ୍ତେ ମନରେ ଅଶାନ୍ତି ସୃଷ୍ଟି ହେବ । କର୍ମକ୍ଷେତ୍ରରେ ଅବନତି ମନକୁ ଭାରାକ୍ରାନ୍ତ କରିବ । ମହିଳାମାନେ ଗର୍ବୀ ହେବେ ।



**ଧନୁ:** ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । ପାରିବାରିକ ପ୍ରୀତି ଲାଭ ହେବ । କଚେରି ମାମଲାରେ ସଫଳତା ହାସଲ ହେବ । ଉତ୍ତମ ବନ୍ଧୁ ମିଳିବ । ଭ୍ରମଣ ସମୟରେ ଦ୍ରବ୍ୟ ନଷ୍ଟ ହୋଇପାରେ । ସାମାଜିକ ସ୍ତରରେ ପ୍ରଶଂସିତ ହେବେ ।



**ମକର:** ଯଶଖ୍ୟାତି ବୃଦ୍ଧି ହେବ । ଦେହ ଓ ମନ ଭଲ ରହିବ । କର୍ମକ୍ଷେତ୍ରରେ ଅସ୍ଥିରତା ଦେଖାଦେବ । ଶୁଭ କାର୍ଯ୍ୟ ପାଇଁ ଦିନଟି ଅତି ଉତ୍ତମ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆନନ୍ଦ ଲାଭ ହେବ ।



**କୁମ୍ଭ:** ଚାକିରୀ କ୍ଷେତ୍ରରେ ଅସହଯୋଗ ଦେଖାଦେବ । ଅପ୍ରିୟ ସତକଥା କହି ବିରୋଧି ହୋଇପାରନ୍ତି । ଖର୍ଚ୍ଚର ପରିମାଣ ଅଧିକ ହେବ । ମହିଳାମାନେ ସୁଖୀ ହେବେ । ବନ୍ଧୁଙ୍କ ସହଯୋଗ ଲାଭ କରି ଉପକୃତ ହେବେ । ମହିଳାମାନେ ସୁଖୀ ହେବେ ।



**ମୀନ:** ଭୋଜନ ହେତୁ ଶାରୀରିକ ପୀଡ଼ା ଦେଖାଦେବ । ଅନେକ କ୍ଷେତ୍ରରେ ବିଜୟୀ ହେବେ । ବନ୍ଧୁ ମହଲରୁ ସମ୍ମାନିତ ହେବେ । ଦୂରଯାତ୍ରାରେ ସଫଳତା ହାସଲ ହେବ । ମଧ୍ୟାହ୍ନେ ଟେନ୍‌ସନ୍‌ର ମାତ୍ରା ବଢ଼ିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୫।୬।୨୦୨୫, ଆଷାଢ଼ ଦି୧୧ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୦୯।୪୮** **ଚନ୍ଦ୍ରୋଦୟ- ନାସ୍ତି**

**ଅମାବାସ୍ୟା-** ଦିଘ ୪।୦୧ ପର୍ଯ୍ୟନ୍ତ । **ମୃଗଶିରା ନକ୍ଷତ୍ର-** ଦିଘ ୧୦।୪୧ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୪।୦୧ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୭।୫୨ ଗତେ ଘ ୮।୩୧ ମଧ୍ୟେ ଦିଘ ୨।୦୧ ଗତେ ଘ ୫।୩୨ ମଧ୍ୟେ । **ପର୍ବୋତ୍ସବ-** ଆଷାଢ଼ ଅମାବାସ୍ୟା ।





## ଆଉ ନେପାଳରୁ ଆସୁନି କସ୍ତୁରୀ:ଚମକୁନି ଶ୍ରୀଜୀଉଙ୍କ ଶ୍ରୀମୁଖ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଶ୍ରୀମୁଖ ଶୃଙ୍ଗାରରେ କସ୍ତୁରୀ ଲାଗି ହୋଇଥାଏ । କସ୍ତୁରୀ ଯୋଗୁ ଶ୍ରୀମୁଖ ଉଜ୍ଜ୍ୱଳତା ଦେଖାଦିଏ । ନେପାଳ ନରେଶ ଶ୍ରୀମନ୍ଦିରକୁ କସ୍ତୁରୀ ଯୋଗାଇ ଆସୁଥିଲେ । ସେଥିପାଇଁ ନେପାଳ ନରେଶ ପୁରୀ ଆସିଲେ ଦକ୍ଷିଣ ଦ୍ୱାର ଦେଇ ଗର୍ଭ ଗୃହରେ ରତ୍ନସିଂହାସନ ତଳେ ପୂଜାର୍ଚ୍ଚନା କରିବା ପ୍ରଥା ଚଳିଆସୁଛି । ନେପାଳରେ ରାଜତନ୍ତ୍ର ଲୋପ ପାଇ ଗଣତନ୍ତ୍ର ପ୍ରତିଷ୍ଠା ହୋଇଛି । ନେପାଳ ଜଙ୍ଗଲରେ କସ୍ତୁରୀ ମୃଗ ଅଧିକ ରହିଥାନ୍ତି । ଜୀଅନ୍ତା ମୃଗକୁ ଶିକାର କରି ତା ନାଭିରୁ କସ୍ତୁରୀ ସଂଗ୍ରହ କରାଯାଇଥାଏ । ଏବେ ନେପାଳ ସରକାର ପ୍ରଚୁର ପରିମାଣରେ କସ୍ତୁରୀ ଯୋଗାଇ ପାରୁନାହାନ୍ତି । ଯାହାଫଳରେ ଶ୍ରୀମନ୍ଦିରରେ କସ୍ତୁରୀର ଅଭାବ ପରିଲକ୍ଷିତ ହେଉଛି । ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ହିଙ୍ଗୁଳ, ହରିତାଳ, କର୍ପୂର, କେଶର ଓ କସ୍ତୁରୀ ଆଦି ସାମଗ୍ରୀ ଆବଶ୍ୟକ ହୁଏ । ଶ୍ରୀମନ୍ଦିର ପ୍ରଶାସନ ଏବେ କସ୍ତୁରୀ ପାଇଁ ଚିନ୍ତା ପ୍ରକଟ କରିଛନ୍ତି । ତିନି ଦାରୁମୂର୍ତ୍ତିଙ୍କ ମୁଖମଣ୍ଡଳରେ ଶୃଙ୍ଗାରକୁ ମନ୍ଦିର ଭାଷାରେ ବନକଲାଗି କୁହାଯାଏ । ଏଥିପାଇଁ କସ୍ତୁରୀ ଏକ ଅତ୍ୟାବଶ୍ୟକ ସାମଗ୍ରୀ । କସ୍ତୁରୀ ବିନା ମହାପ୍ରଭୁଙ୍କ ଶୃଙ୍ଗାର ଅଧୁରା ବୋଲି ଦତ୍ତ ସେବାୟତମାନେ ମତପ୍ରକାଶ କରାଛନ୍ତି । କବି ସାଲବେଗ ମହାପ୍ରଭୁଙ୍କ ଶ୍ରୀମୁଖ ଦେଖି ଲେଖିଛନ୍ତି ଝଲ ଝଲ ଦିଶୁଥାଇ ମୁକୁତାର ଝଟକ... କୌଣସି ଆଭୂଷଣ ନଥାଇ ମହାପ୍ରଭୁଙ୍କ ମୁଖମଣ୍ଡଳ ଭକ୍ତଙ୍କୁ ଆକର୍ଷିତ କରେ । ଏହି ଆକର୍ଷଣର କାରଣ ମୁହଁର ରଙ୍ଗ ବିନ୍ୟାସ । ଏହି ରଙ୍ଗ ବିନ୍ୟାସ ବା ବନକଲାଗି ନୀତି ପାଇଁ ଏକ ସ୍ୱତନ୍ତ୍ର ସେବାୟତ ଅଛନ୍ତି । ଏମାନଙ୍କୁ ଦତ୍ତ ମହାପାତ୍ର ସେବକ କୁହାଯାଏ । ରଙ୍ଗ ପ୍ରସ୍ତୁତ କରିବା ଓ ବିଗ୍ରହଙ୍କ ଶ୍ରୀମୁଖରେ ଲଗାଇବା ଏମାନଙ୍କ ପ୍ରମୁଖ କାର୍ଯ୍ୟ । ବିଧିମତେ ଥରେ ବନକଲାଗି ପାଇଁ ୧୦ ହଜାରରୁ ଅଧିକ ଟଙ୍କା ଲାଗିଥାଏ । କାରଣ ରଙ୍ଗ ସହିତ କସ୍ତୁରୀ ଓ କେଶର ଭଳି ଦାମୀ ସୁବାସିତ ପ୍ରାକୃତିକ ରଙ୍ଗ ବ୍ୟବହୃତ ହୁଏ । ବଜାରରେ ମିଳୁଥିବା ରଙ୍ଗ ବନକଲାଗିରେ ବ୍ୟବହୃତ ହୁଏ ନାହିଁ । ମହାପ୍ରଭୁଙ୍କ ଲାଗି ଉଦ୍ଦିଷ୍ଟ ରଙ୍ଗ ଗୁଡ଼ିକ ପ୍ରସ୍ତୁତ ପାଇଁ ଭିତର ବେଢ଼ାରେ ଉତ୍ତର ପଟେ ଗୋଟିଏ କୋଠରୀ ରହିଛି । ଏହାକୁ ବନକଲାଗି ଘର କୁହାଯାଏ । ଶଙ୍ଖକୁ ଚୂର୍ଣ୍ଣ କରି ଧଳା ରଙ୍ଗ, ହରିତାଳ ତାଳରୁ ହଳଦିଆ ଓ ହିଙ୍ଗୁଳରୁ କଳା ରଙ୍ଗ ପ୍ରସ୍ତୁତ ହୁଏ । ଏସବୁ ରଙ୍ଗରେ କର୍ପୂର ଓ କସ୍ତୁରୀ ମିଶେ କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ଗୁପ୍ତ । ରତ୍ନସିଂହାସନ ଆଗରେ ଯେଉଁ ମହାପ୍ରସାଦ ବଢ଼ାହୁଏ ତାହାର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ । କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୁଏ । ଏହାଛଡ଼ା ଅଣସର ସମୟରେ ଗୁପ୍ତ ନୀତି ଯଥା ଖଡ଼ିଲାଗି, ଖଳିଲାଗି ଓ ଚନ୍ଦନ ସର୍ବାଙ୍ଗ ପାଇଁ କସ୍ତୁରୀ ନିହାତି ଆବଶ୍ୟକ ହୋଇଥାଏ । ଗୋଟିଏ ଥର ଶ୍ରୀଜୀଉ ମାନଙ୍କର ଶ୍ରୀମୁଖ ସିଂହାର ପାଇଁ ଅନ୍ୟୂନ ୫ ଗ୍ରାମ କସ୍ତୁରୀ ଆବଶ୍ୟକ । ବର୍ଷକୁ ଠାକୁରଙ୍କ ଅନ୍ୟୂନ ଶହେ ଗ୍ରାମ କସ୍ତୁରୀ ଦରକାର । ନେପାଳରେ ରାଜତନ୍ତ୍ର ଥିବାବେଳେ ଏହା ମିଳିବାରେ ଅସୁବିଧା ହେଉନଥିଲା । କସ୍ତୁରୀ କିଣା ବିକା ଉପରେ କଟକଣା ରହିଥିବାରୁ ପ୍ରଶାସନ ଚାହିଁଲେ ମଧ୍ୟ କିଣିପାରୁନାହିଁ । କସ୍ତୁରୀର ଦ୍ରବ୍ୟ ସମ୍ପର୍କରେ ଆୟୁର୍ବେଦରେ କଟୁ, ତିକ୍ତ, ଖାରଯୁକ୍ତ ଉଷ୍ଣ, ଦୁର୍ଗନ୍ଧ ଓ ଶୋଷନାଶକ ଉଲ୍ଲେଖ ଅଛି । ଏଣୁ ରଙ୍ଗରେ ମିଶିଥିଲେ ଏହା ରଙ୍ଗର ଉଜ୍ଜ୍ୱଳତା ବଢ଼ାଇଥାଏ । ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ପୁରୁଷ ମୃଗର ନାଭି ଓ ଗୁହ୍ୟାଙ୍ଗର ମଧ୍ୟବର୍ତ୍ତୀ ସ୍ଥାନରେ ଥିବା ଏକ ଗୋଟାଳିଆ କୋଷରୁ କସ୍ତୁରୀ ମିଳେ । କସ୍ତୁରୀ ପାଞ୍ଚ ପ୍ରକାର ବୋଲି ପୁରଖା ସେବାୟତ କହିଛନ୍ତି । ଧୂଳି ପରି ସୂକ୍ଷ୍ମ ଦାନାଥିବା କସ୍ତୁରୀକୁ ଖରିକା, ରାଶିପରି ଦାନାଯୁକ୍ତ କସ୍ତୁରୀକୁ ତିଳିକା, କୋଳଥ ଆକାର କସ୍ତୁରୀକୁ କୂଳଥିକା, ଖଣ୍ଡ ଖଣ୍ଡ କସ୍ତୁରୀକୁ ଇଣ୍ଡିକା ଓ ବଡ ବଡ ଖଣ୍ଡ କସ୍ତୁରୀକୁ ନାୟିକା କସ୍ତୁରୀ କୁହାଯାଏ । ପିଣ୍ଡିକା ଓ ନାୟିକା ଅଧିକ ଦାମୀ ଓ ପ୍ରଭାବଶାଳୀ । କସ୍ତୁରୀ ନିଜର ସୁଗନ୍ଧିରେ କେତକୀ ଫୁଲର ସୁଗନ୍ଧ ବିନ୍ୟାସ କରିପାରେ । ଶ୍ରୀମୁଖ ପାଇଁ ବ୍ୟବହାର ରଙ୍ଗରେ ଏହା କିଞ୍ଚିତ ପରିମାଣରେ ଥିଲେ ମଧ୍ୟ କୀଟ ଓ ପୋକ ଦାଉରୁ ଶ୍ରୀମୁଖକୁ ରକ୍ଷା କରେ । ଜଗନ୍ନାଥଙ୍କ ଅନ୍ୟ ଅବତାର ଶ୍ରୀକୃଷ୍ଣଙ୍କର ଲଲାଟରେ କସ୍ତୁରୀ ତିଳକ ଶୋଭା ପାଇବାର ବର୍ଣ୍ଣନା ରହିଛି । ଏଣୁ କସ୍ତୁରୀ ବିନା ମହାପ୍ରଭୁଙ୍କ ଶୃଙ୍ଗାର ଅସଂପୂର୍ଣ୍ଣ । ଅତର ଓ ଔଷଧ ପାଇଁ କସ୍ତୁରୀ ମୃଗ ଶିକାର ହେଉଛି ଓ ଲୋକେ ଚୋରାରେ କିଣୁଛନ୍ତି । କିନ୍ତୁ ମହାପ୍ରଭୁଙ୍କ ପାଇଁ କସ୍ତୁରୀ ମିଳିପାରୁନାହିଁ । ଭାରତୀୟ ବନ୍ୟପ୍ରାଣୀ ସୁରକ୍ଷା ଆଇନ୍ ୧୯୭୨ ଓ ବନ୍ୟପ୍ରାଣୀ ସୁରକ୍ଷା ସଂଶୋଧିତ ଆଇନ୍ ୧୯୯୧ରେ ଏହି କାରବାରକୁ ନିଷେଧ କରାଯାଇଛି । ଆଗେ କିଛି ଭକ୍ତ ଖରିଦ କରି ଶ୍ରୀଜୀଉ ମାନଙ୍କ ପାଇଁ ପଠାଉଥିଲେ । ଏବେ ଆଉ ଆସିପାରୁନାହିଁ । କସ୍ତୁରୀ ପାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଭାରତୀୟ ଦୂତାବାସରେ ସାହାଯ୍ୟ ନେବା ପାଇଁ ବୁଦ୍ଧିଜୀବୀ ମାନେ ମତପ୍ରକାଶ କରିଛନ୍ତି ।

## ନଳକୂପ ଅଚଳ:ପାଣି ପାଇଁ ଲୋକେ ହନ୍ତସନ୍ତ

**ବେଲପଡ଼ା, ନ୍ୟୁଜ୍ ବ୍ୟୁରୋ**



ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ ପଣ୍ଡରିଯୋର ପଞ୍ଚାୟତ ଅନ୍ତର୍ଗତ ଗିଦମାଲ ଗାଁର ହରିଜନପଡ଼ାରେ ଥିବା ନଳକୂପଟି ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଅଚଳ ହୋଇ ପଡ଼ିରହିଥିବା ଅଭିଯୋଗ ହୋଇଛି । ନଳକୂପକୁ ମରାମତି କରିବା ପାଇଁ ଲୋକେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ହେଲେ କିଛି ସୁଫଳ ମିଳିପାରିନାହିଁ । ଯାହାଫଳରେ ଲୋକେ ପିଇବା ପାଣି ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାଣି ଟ୍ୟାଙ୍କର ଆସୁଛି ସତ ହେଲେ ହରିଜନପଡାରେ ନ ଦେଇକି ଉପରପଡ଼ାରେ ପାଣି ଟ୍ୟାଙ୍କର ଜଳ ଯୋଗାଇଦେଉଛି । ଉପରପଡ଼ାରେ ପାଣିର ସମସ୍ୟା ନଥାଇବି ଟ୍ୟାଙ୍କର ପାଣି ଯୋଗାଇ ଦିଆଯାଉଛି । ଗୋଟିଏ ଟ୍ୟାଙ୍କର ପାଣି ଆଣୁଛି ତାହା ସରିଯାଉଛି, ଯାହାଫଳରେ ହରିଜନପଡ଼ାକୁ ଟ୍ୟାଙ୍କର ଜଳଯୋଗାଣ ସୁଚାରୁରୂପେ ପହଞ୍ଚି ପାରୁନାହିଁ । ଗାଁରେ ଥିବା କୂଅ ଏବଂ ପୋଖରୀରୁ ଲୋକେ ପିଇବା ପାଣି ସଂଗ୍ରହ କରୁଛନ୍ତି । କୂଅ ଓ ପୋଖରୀ ପାଣି ବିଶୁଦ୍ଧ ନଥିବାରୁ ସଂକ୍ରମଣ ରୋଗ ବ୍ୟାପିବାର ସମ୍ଭାବନା ରହିଛି । ଏହି ନଳକୂପକୁ ଶୀଘ୍ର ମରାମତି କରିବା ପାଇଁ ଗାଁର ମହିଳାମାନେ ରାମବତୀ ତାଣ୍ଡି, ବେଣୀମତି ଖୁରା, ଲଳିତା ତାଣ୍ଡି, ସତ୍ୟଭାମା ତାଣ୍ଡି, ନୂଆଦେଇ ତାଣ୍ଡି, ରତି ଖୁରା, ଲଳିତା ଖୁରା, ଲକ୍ଷ୍ମୀ ଖୁରା, ସରିତା ଖୁରା, ମୁକ୍ତା ଖୁରା, ଗୋଲାପୀ ଖୁରା, ଜାନକୀ ତାଣ୍ଡି, ମହରଗୀ ଖୁରା, କନକ ବରିହା, ଘୋର ତାଣ୍ଡି, ତୁଳସା ତାଣ୍ଡି, ଜ୍ୟୋତି ତାଣ୍ଡି, ଲାଇବନି ବରିହା, ମଡ଼ାଖାଇ ଚିରାଗୁନ, ହେମଲତା ବରିହା, ମଞ୍ଜୁ ଖୁରା, ତରୁଣୀ ହାତୀ, ଭାରତୀ ହାତୀ, କମଳା ହାତୀଙ୍କ ସମେତ ଅନେକ ମହିଳା ଜିଲ୍ଲା ପ୍ରଶାସନ ଗିଦମାଲ ଗାଁ ହରିଜନପଡ଼ା ଉପରେ ଦୃଷ୍ଟିଦେଇ ଏହି ସବୁ ସମସ୍ୟାର ସମାଧାନ କରିବାକୁ ହରିଜନପଡ଼ାବାସୀ ନିବେଦନ କରିଛନ୍ତି ।

## ମାରୁତି ଇକୋ ସହ ବାଇକ୍ ମୁହାଁମୁହିଁ ଧକ୍କା:ଦୁଇ ଗୁରୁତର

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆଟପଦରଗୁଡ଼ା ବୁଲାଣି ନିକଟରେ ଏକ ମାରୁତି ଇକୋ ଓ ହେରୋ ସ୍ପ୍ଲେଣ୍ଡର ମଧ୍ୟରେ ମୁହାଁମୁହିଁ ଧକ୍କା । ବାଇକ୍ ଆରୋହୀ ୩ ଜଣଙ୍କ ମଧ୍ୟରୁ ୨ ଗୁରୁତର । ସୂଚନା ଅନୁସାରେ ହାଟଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଗାଡିଖମରା ଗ୍ରାମର ୩ ଜଣ ଯୁବକ ଏକ ସ୍ପ୍ଲେଣ୍ଡର ଗାଡ଼ିରେ ମୋବାଇଲ ସଜାଡ଼ିବା ଲାଗି ସେମିଳିଗୁଡା ଯାଇଥିଲେ । ସନ୍ଧ୍ୟାରେ ଘରକୁ ଫେରିବା ସମୟରେ ଝିପି ଝିପି ବର୍ଷା କାରଣରୁ ବାଇକ୍ ଆରୋହୀ ମାନେ ଛତା ଧରି ଗାଡି ଚଲାଉଥିବା ବେଳେ ପବନରେ ହଠାତ୍ ଗାଡି ଚଳକଙ୍କ ମୁହଁ ଢାଙ୍କି ହୋଇଯିବା ଯୋଗୁଁ ସାମ୍ନାରୁ ଆସୁଥିବା ଏକ ଇକୋ ଗାଡିରେ ମୁହାଁମୁହିଁ ଧକ୍କା ହୋଇଯାଇଥିଲା । ଘଟଣାରେ ବାଇକ୍ ଆରୋହୀ ମାନଙ୍କ ମଧ୍ୟରୁ କିରନ୍ ଡକ୍ରି ନାୟକ (୧୯), ପରମେଶ୍ୱର ପାଙ୍ଗି (୨୦) ଗୁରୁତର ଆହତ ହୋଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ଲାଗି କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସେମାନଙ୍କ ମଧ୍ୟରୁ ପ୍ରମୋଦ ଖରା ସାମାନ୍ୟ ଆହତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ଥିବା ଖବର ମିଳିଛି ।

## ୨୭ଟିକିଆ ହାତୀ ପଲଙ୍କ ଉପଦ୍ରବ ଜାରି:ଲୋକେ ଆତଙ୍କିତ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଗତ କିଛି ସପ୍ତାହ ଧରି ଚମ୍ପୁଆ ବନାଞ୍ଚଳ ଅନ୍ତର୍ଗତ ଉଖୁଣ୍ଡା ସେକ୍ସନରେ ୨୭ ଟିକିଆ ହାତୀପଲଙ୍କ ଉପଦ୍ରବ ଲାଗିରହିଛି । ହାତୀପଲ ଅଞ୍ଚଳ ଛାଡ଼ି ଯିବାର ନାଁ ଧରୁ ନାହାଁନ୍ତି । ଖାଦ୍ୟ ଅନ୍ୱେଷଣରେ ହାତୀପଲ ବିଭିନ୍ନ ଗ୍ରାମରେ ବ୍ୟାପକ ଫସଲ ନଷ୍ଟ କରିବା ସହ ଘର ଭାଙ୍ଗି ଧାନ ଚାଉଳ ଖାଇ ଯାଉଛନ୍ତି । ରାତି ହେଲେ ଏହି ହାତୀପଲ ବିଭିନ୍ନ ଦଳରେ ବିଭକ୍ତ ହୋଇ ଜନବସତି ଭିତରକୁ ପଶି ବ୍ୟାପକ କ୍ଷୟକ୍ଷତି କରୁଥିବାରୁ ଗ୍ରାମାଞ୍ଚଳଗୁଡ଼ିକରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । କିଛିଦିନ ତଳେ ଏହି ହାତୀପଲ ରେଙ୍ଗାଲଗୋଡ଼ା ଗ୍ରାମରେ ଦୁଇଟି ଓ ପଦ୍ମପୁର ଗ୍ରାମରେ ତିନୋଟି ମୋଟ ପାଞ୍ଚଟି ଘର ଭାଙ୍ଗିଥିବାବେଳେ ଗତରାତି ଭଣ୍ଡା ଗ୍ରାମରେ ପଶି ଉପଦ୍ରବ କରିଛନ୍ତି । ଗ୍ରାମର ଡମ୍ବରୁଧର ମହାନ୍ତ ଓ ରାଜେନ୍ଦ୍ର ମହାନ୍ତଙ୍କ ଆମ୍ବ ବଗିଚାର ପାଚେରିକୁ ଭାଙ୍ଗି ବଗିଚା ଭିତରେ ପଶି ଆମ୍ବ ଖାଇବା ସହ ଗଛଗୁଡ଼ିକୁ ଭାଙ୍ଗି ପକାଇଛନ୍ତି । ସେହିପରି ପେଟୁ ନାଏକଙ୍କ ଘର ଓ ପାଚେରି ଭାଙ୍ଗିବା ସହ କୋଡ଼ିଏରୁ ଊର୍ଦ୍ଧ୍ୱ ନଡ଼ିଆ ଗଛ ଓ ଚାରା ନଷ୍ଟ କରିଥିବା ଜଣାପଡ଼ିଛି । ରାତି ହେଲେ ହାତୀପଲ ଗ୍ରାମଗୁଡ଼ିକୁ ଚରାଭୂଇଁ କରୁଥିବାରୁ ଗ୍ରାମ ଗୁଡ଼ିକରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଥିଲେ ମଧ୍ୟ ହାତୀପଲଙ୍କୁ ନିୟନ୍ତ୍ରଣ କରିବାରେ ଓ ଲୋକଙ୍କୁ ସୁରକ୍ଷା ଦେବାରେ ବିଫଳ ହେଉଥିବା ନେଇ ଅଭିଯୋଗ ହେଉଛି ।

## କାର୍ଯ୍ୟକ୍ଷମ ହେଉନି ପାଣିଟାଙ୍କି:ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



ଓଡ଼ିଶାର ବିଭିନ୍ନ ଛଅ ଜିଲ୍ଲାକୁ ହଇଜା ଓ ତରଳ ଝାଡ଼ା ବ୍ୟାପିବାରେ ଲାଗିଥିବା ବେଳେ, କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ୪ ନମ୍ବର ୱାର୍ଡ ଅଧିବାସୀ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ସେମାନଙ୍କ ପାଇଁ ପୂର୍ବରୁ ଆସୁଥିବା ମାଛକାନ୍ଦଣା ନଦୀ ଜଳ ଅଞ୍ଜର ଘାଟି ନିକଟରେ ଥିବା ଜଳ ବିଶୋଧନାଗାରରେ ବିଶୋଧିତ ହୋଇ ଦୈନିକ ତିନିଥର ଜଳଯୋଗାଣ କରାଯାଉଥିବା ବେଳେ ଏବେ ସହରର ପାନୀୟ ଜଳର ଆବଶ୍ୟକତା ପୂରଣ କରିବା ପାଇଁ ଆସୁଥିବା କାଳାଝର ନଦୀର ଜଳ ଗୋପାଳପୁର ବିଶୋଧନାଗାରରୁ ଆସିବା ପରେ କେବଳ ସନ୍ଧ୍ୟା ସମୟରେ କିଛି ସମୟ ପାଇଁ ଜଳ ଆସୁଛି । ପାନୀୟ ଜଳର ଅଭାବ ଯୋଗୁ ସ୍ଥାନୀୟ ଅଧିବାସୀ ବାରମ୍ବାର ସହର ପାନୀୟ ଜଳଯୋଗାଣ ସଂସ୍ଥାର ଦ୍ୱାରସ୍ଥ ହୋଇ ନିରାଶ ହେଉଛନ୍ତି । ସନ୍ଧ୍ୟାରେ ଆସୁଥିବା ପାଣି ଲୋକଙ୍କ ଆବଶ୍ୟକତା ମେଣ୍ଟେଇ ପାରୁନଥିବାବେଳେ ଅନେକ ଲୋକ ମୋଟର ଲଗାଇ ପାଣି ସଂଗ୍ରହ କରୁଥିବା ଅଭିଯୋଗ ହେଉଛି । ଏହି କାରଣରୁ ଆଟୋପୁର ପର୍ଯ୍ୟନ୍ତ ପାଣି ପହଞ୍ଚିପାରୁନାହିଁ । ଅଟୋପୁର ମଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଦୀର୍ଘ ଛଅ ମାସ ଧରି ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇପାରୁନଥିବା କାରଣରୁ ଲୋକେ ପାନୀୟ ଜଳ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରାଗଲେ ସହରର ଅନେକାଂଶରେ ଜଳକଷ୍ଟ ପୂରଣ ହୋଇପାରିବ । ଏ ବିଷୟରେ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ଘାଶିରାମ ମାଝୀ କହିଛନ୍ତି ଯେ ଖୁବ୍ ଶୀଘ୍ର ଏହି ଓଭର୍ ହେଡ୍ ପାଣିଟାଙ୍କିକୁ କାର୍ଯ୍ୟକ୍ଷମ କରାଯିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି । ଏହାପରେ ଆଉ ପାନୀୟ ଜଳଯୋଗାଣ ସମସ୍ୟା ରହିବନାହିଁ ।

## ନିୟନ୍ତ୍ରଣ ବାହାରେ ବିଏମ୍‌ସି କର୍ମଚାରୀ:କେହି କାହାକୁ ମାନୁନାହାନ୍ତି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମହାନଗର ନିଗମରେ ଏକ ରକମର ଅଚଳାବସ୍ଥା ସୃଷ୍ଟି ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ଏଠି କେହି କାହାକୁ ମାନିବାକୁ ପ୍ରସ୍ତୁତ ନାହାନ୍ତି । ଗତ ଦୁଇ ସପ୍ତାହ ଧରି ନିଗମରେ କମିଶନର ନଥିବା ବେଳେ ଏହା ପୂର୍ବରୁ ମଧ୍ୟ ଏଭଳି ଅବସ୍ଥା ଜାରି ରହିଥିଲା । ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଉଦ୍ଦିଷ୍ଟ ବ୍ରହ୍ମପୁର ମହାନଗର ନିଗମରେ ଖୋଦ୍ କର୍ମଚାରୀ ଓ ଅଧିକାରୀ ଏପରିକି ନିର୍ବାଚିତ ଲୋକ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟର ଘୋର ଅଭାବ ଦେଖିବାକୁ ମିଳିଛି । ପରିସ୍ଥିତି ଏଭଳି ହୋଇଛି ଯେ ଠିକାଦାରଙ୍କ ଠାରୁ ଆରମ୍ଭ କରି ଯନ୍ତ୍ରୀ, ଯନ୍ତ୍ରୀଙ୍କ ଠାରୁ ନିର୍ବାହୀଯନ୍ତ୍ରୀ ଏପରିକି ସରକାରୀ ଅଧିକାରୀମାନେ ନିଗମ ମୁଖ୍ୟ ମେୟରଙ୍କୁ ମଧ୍ୟ ମାନୁନଥିବା ଭଳି ଘଟଣା ନଜିର ରହିଛି । ଏଭଳି ଘଟଣା ବାରମ୍ବାର ନିଗମରେ ହେଉଥିବା ବେଳେ ନିଗମ ସମ୍ମୁଖରେ ଥିବା ଟାଉନ୍ ଥାନାରେ ଏନେଇ ମାମଲା ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ତେବେ କୌଣସି ମାମଲାରେ କିଛି ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଠିକାଦାର ଓ କର୍ମଚାରୀଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଥିବା ଦେଖିବାକୁ ମିଳୁଛି । ଗତ ୧୩ ତାରିଖ ଶୁକ୍ରବାର ସନ୍ଧ୍ୟାରେ ନିଗମର ନିର୍ବାହୀଯନ୍ତ୍ରୀ ଏମ୍. ନାଗେଶ୍ୱର ସୁବୁଦ୍ଧି ନିଜ କାର୍ଯ୍ୟାଳୟରେ ଥିବା ବେଳେ ନିଗମର କନିଷ୍ଠଯନ୍ତ୍ରୀ ଅମନ ପଣ୍ଡା କୌଣସି କାରଣକୁ ନେଇ ହଠାତ୍ ଉତ୍କ୍ଷୀପ୍ତ ହୋଇ ନିର୍ବାହୀଯନ୍ତ୍ରୀ ସୁବୁଦ୍ଧିଙ୍କୁ ପେପର ୱେଟ୍ ଓ ଚପଲରେ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି । ଏନେଇ ନିର୍ବାହୀଯନ୍ତ୍ରୀ ଜଣକ ମେୟରଙ୍କ ହସ୍ତକ୍ଷେପ ଲୋଡ଼ିବା ସହିତ ଟାଉନ୍ ଥାନାରେ ଲିଖିତ ଏତଲା ଦେଇଛନ୍ତି । ଏପରିକି ଘଟଣା ସମ୍ପର୍କରେ ଇଂ. ସୁବୁଦ୍ଧି ବ୍ରହ୍ମପୁର ଏସ୍‌ପି, ଉପଜିଲ୍ଲାପାଳ, ପୌର ନିର୍ଦ୍ଦେଶକ ପ୍ରମୁଖ ସଚିବ ଓ ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ଲେଖି ଘଟଣା ସମ୍ପର୍କରେ ଅବଗତ କରିଛନ୍ତି । ଘଟଣା ସମୟରେ କନିଷ୍ଠ ଯନ୍ତ୍ରୀ ଅମନ ପଣ୍ଡା ଥାନାରେ ଏତଲା ଦେଲେ ନିର୍ବାହୀଯନ୍ତ୍ରୀଙ୍କ ପରିବାରକୁ ଏପରିକି ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବାରୁ ସେ ନିଜକୁ ଓ ପରିବାର ସଦସ୍ୟଙ୍କ ଜୀବନ ବିପଦରେ ଥିବା ଦର୍ଶାଇ ସୁରକ୍ଷା ଲୋଡ଼ିଛନ୍ତି । ବ୍ରହ୍ମପୁର ମହାନଗର ନିଗମରେ ଜଣେ କନିଷ୍ଠ ଯନ୍ତ୍ରୀ ନିଜର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ମାଡ଼ ମାରିବା ସହିତ ହତ୍ୟା ଧମକ ଦେବା ଭଳି ଘଟଣା ପ୍ରଥମ ନୁହେଁ । ଏହା ପୂର୍ବରୁ ଠିକାଦାରମାନେ ନିଜର ବକେୟା ପ୍ରାପ୍ୟ ହାସଲ ପାଇଁ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ଉପରକୁ ଟଙ୍କା ଫୋପାଡ଼ି ଗାଳିଗୁଲଜ କରିବା, କର୍ପୋରେଟରମାନେ ପୂର୍ବ କମିଶନରଙ୍କୁ କର୍ପୋରେସନ୍ ବୈଠକରେ ଖୋଦ୍ କମିଶନରଙ୍କୁ ଅପଦସ୍ତ କରିବା ଏପରିକି ଜଣେ ପୂର୍ବ ନିର୍ବାହୀଯନ୍ତ୍ରୀ ଖୋଦ୍ ମେୟରଙ୍କୁ ଫୋନ୍ ଯୋଗେ ଗାଳିଗୁଲଜ କରିବା ସହିତ ଧମକ ଦେବା ଭଳି ଘଟଣା ମଧ୍ୟ ଘଟିସାରିଛି । ଅନେକ ଘଟଣାରେ ଟାଉନ୍ ଥାନାରେ ଯଦିଓ ମାମଲା ରୁଜୁ ହୋଇଛି ହେଲେ କୌଣସି ଘଟଣାରେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଯଦ୍ୱାରା ଠିକାଦାରଙ୍କ ଠାରୁ ଆରମ୍ଭ କରି କର୍ମଚାରୀ ଓ ଅଧିକାରୀଙ୍କର ଉତ୍ପାଦ ଦିନକୁ ଦିନ ବଢ଼ିବାରେ ଲାଗିଛି । ଲୋକଙ୍କ ସମସ୍ୟାର ସମାଧାନ ନେଇ ବ୍ରହ୍ମପୁର ମହାନଗର ନିଗମରେ ଏଭଳି ସ୍ଥିତିକୁ ନେଇ ଜନସାଧାରଣରେ ଚିନ୍ତା ପ୍ରକଟ କରିଛନ୍ତି । ବର୍ତ୍ତମାନ ପରିସ୍ଥିତିରେ ନିଗମରେ କମିଶନର ପଦବୀ ଖାଲି ପଡ଼ିଥିବା ବେଳେ ଜଣେ ଆଇଏଏସ୍ ଅଧିକାରୀଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି । ଆଗାମୀ ଦିନରେ ନୂତନ କମିଶନରଙ୍କ ଦାୟିତ୍ୱଗ୍ରହଣ ପରେ ଏଭଳି ସମସ୍ୟାର ସମାଧାନ ସହିତ ଘଟଣାର ପୁନରାବୃତ୍ତି ହେବନାହିଁ ବୋଲି ଆଶା କରାଯାଉଛି ।

## ସ୍ୱାସ୍ଥ୍ୟ ପ୍ରଶାସନର ଅବହେଳା:ଡାକ୍ତର ନାହାନ୍ତି, ଫାର୍ମାସିଷ୍ଟ ଭରସା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବିଭିନ୍ନ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ । ଡାକ୍ତରଙ୍କ ଅନୁପସ୍ଥିତିରେ ଫାର୍ମାସିଷ୍ଟ କରୁଛନ୍ତି ରୋଗୀସେବା । ତେବେ ରୋଗୀମାନେ କିପରି ଚିକିତ୍ସା ପାଉଥିବେ, ତାହା ଏଥିରୁ ସ୍ପଷ୍ଟ ଅନୁମେୟ । ସୂଚନା ଅନୁସାରେ ବ୍ରହ୍ମପୁର ସହରରେ ୭ଟି ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର, ୮ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସବ୍‌ସେଣ୍ଟର ରହିଛି । ଏହିସବୁ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଦିନ ସକାଳ ୮ଟାରୁ ୧୨ଟା ଏବଂ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଖୋଲିବା ନେଇ ନିୟମ ରହିଛି । ଏଠାରେ ମେଡ଼ିକାଲ୍ ଅଧିକାରୀଙ୍କୁ ଛାଡ଼ିଦେଲେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହେଉଛି । ପ୍ରତିଦିନ ବହୁତ ରୋଗୀ ଏସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି । କିନ୍ତୁ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁଁ ଅଧିକ ଖର୍ଚ୍ଚାନ୍ତ ହୋଇ ଘରୋଇ ଡାକ୍ତରଖାନା ଯିବାକୁ ବାଧ୍ୟ ହେଉଛନ୍ତି । ସେହିପରି ମିନାକ୍ଷୀନଗର ସ୍ୱାସ୍ଥ୍ୟ କେନ୍ଦ୍ରର ଅବସ୍ଥା ଶୋଚନୀୟ । ଅନେକ ସମୟରେ ବିଶେଷଜ୍ଞ ଡାକ୍ତର ରହୁନଥିବା ଅଭିଯୋଗ ହୋଇଛି । ସେଠାରେ ଡାକ୍ତରଙ୍କ ଅନୁପସ୍ଥିତିରେ ଫାର୍ମାସିଷ୍ଟ ରୋଗୀଙ୍କ ଚିକିତ୍ସା କରି ଔଷଧ ଦେଉଥିବା ଅଭିଯୋଗ ହୋଇଛି । ଏଠାରେ କାର୍ଯ୍ୟରତ ଡାକ୍ତର ଲଳିତ ମୋହନ ରଥ ଦୀର୍ଘଦିନ ଧରି ଛୁଟିରେ ରହିଥିବା ଜଣାପଡ଼ିଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ୬୦ ରୁ ୭୦ ରୋଗୀ ବିଭିନ୍ନ ରୋଗ ନେଇ ଆସୁଛନ୍ତି । କିନ୍ତୁ ଡାକ୍ତରଙ୍କ ଅନୁପସ୍ଥିତି ସେମାନଙ୍କୁ ନିରାଶ କରୁଛି । ଏଥିସହିତ ଦୈନିକ ୫୦ରୁ ଊର୍ଦ୍ଧ୍ୱ ରକ୍ତ ପରୀକ୍ଷା ମଧ୍ୟ କରାଯାଉଛି । ଏପରିସ୍ଥଳେ ଡାକ୍ତର ନରହିବା କାରଣରୁ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ରୋଗୀ ତଥା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । ଏହାର ଯଥାଶୀଘ୍ର ସମାଧାନ ନହେଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ମିନାକ୍ଷୀ ନଗରବାସୀ ଚେତାବନୀ ଦେଇଛନ୍ତି ।

## ଆଧୁନିକତାରେ ହଜିବାକୁ ବସିଲାଣି ତାଳପତ୍ର ବିଞ୍ଚଣା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଆଧୁନିକତା ଭିତରେ ହଜିଗଲାଣି ହାତ ତିଆରି ତାଳପତ୍ର ବିଞ୍ଚଣା । ଏବେ ଘରେ ଘରେ ଏସି. କୁଲର, ରେଫ୍ରିଜରେଟର, ପଙ୍ଖା ରହିଥିବା ବେଳେ ଯୁବପିଢ଼ୀ ତାଳପତ୍ର ବିଞ୍ଚଣାକୁ ଭୁଲି ଗଲେଣି । ଏକଦା ପ୍ରତ୍ୟେକଙ୍କ ଘରେ ରହୁଥିବା ଏହି ନିତ୍ୟ ବ୍ୟବହାର୍ଯ୍ୟ ତାଳ ବିଞ୍ଚଣା ଅଲୋଡ଼ା ପାଲଟିଯାଇଛି । କାଁ ଭାଁ ତାଳପତ୍ର ବିଞ୍ଚଣା ବିକ୍ରି ହେଉଥିବା ଦେଖିବାକୁ ମିଳୁଥିବା ବେଳେ ଏହାର ବିଶେଷ ଚାହିଦା ନଥିବା ଦେଖିବାକୁ ମିଳୁଛି । ଖରାଦିନରେ ବିଶେଷତଃ ଆନ୍ଧ୍ରପ୍ରଦେଶ ଅଞ୍ଚଳରୁ କିଛି ବ୍ୟବସାୟୀ ବ୍ରହ୍ମପୁର ସହରକୁ ତାଳପତ୍ର ବିଞ୍ଚଣା ବିକ୍ରି କରିବାକୁ ଆସନ୍ତି । ବ୍ରହ୍ମପୁର ସହରକୁ ତାଳପତ୍ର ବିଞ୍ଚଣା ବିକ୍ରି କରିବାକୁ ଆସିଥିବା ବିଜୟୱାଡ଼ାର ଜଣେ ବ୍ୟବସାୟୀ କହିଛନ୍ତି ପ୍ରାୟ ଦଶ ବର୍ଷ ଧରି ସେ ତାଳପତ୍ର ବିଞ୍ଚଣା ବିକ୍ରି କରିବାକୁ ଆସୁଥିବା କହିଛନ୍ତି । ତାଳପତ୍ର ବିଞ୍ଚଣା ପ୍ରସ୍ତୁତ କରିବାକୁ ମାସାଧିକ ସମୟ ଲାଗୁଥିବା ବେଳେ ଲୋକେ କିଣିବା ବେଳେ ମୂଲଚାଲ କରୁଥିବା ଯୋଗୁଁ କଷ୍ଟ ଲାଗୁଛି ବୋଲି କହିଛନ୍ତି । ତାଳପତ୍ର ବିଞ୍ଚଣା ପ୍ରସ୍ତୁତି ସମ୍ପର୍କରେ କହିବାକୁଯାଇ ସେ କହିଛନ୍ତି ପ୍ରଥମେ ଛୋଟ ଗଛରୁ ତାଳପତ୍ରକୁ କାଟି ଆଣିବା ପରେ ଏକପ୍ରକାର ଦଉଡ଼ିରେ ଗୁନ୍ଥି ଥାଉ । କିଛି ଦିନ ପରେ ଏହାକୁ ମେସିନ୍ ଦ୍ୱାରା ଚାରିପଟକୁ ସମାନ ଭାବେ କାଟିବାକୁ ପଡ଼ିଥାଏ । ପରବର୍ତ୍ତୀ ସମୟରେ ଏହାକୁ ଖରାରେ ଶୁଖାଇବା ପରେ ବିଞ୍ଚଣା ପ୍ରସ୍ତୁତ କରି ବିକ୍ରି କରୁ ବୋଲି ବ୍ୟବସାୟୀ ଜଣକ କହିଛନ୍ତି । ଆଜିର ଦରଦାମ ଯୁଗରେ ଗୋଟିଏ ତାଳପତ୍ର ବିଞ୍ଚଣାକୁ ମାତ୍ର ୧୫ ଟଙ୍କାରେ ବିକ୍ରି କରୁଛୁ । ତାଳପତ୍ର କାଟିବା ଠାରୁ ଆରମ୍ଭ କରି ପ୍ରସ୍ତୁତ କରିବା ଏବଂ ବିକ୍ରି ପାଇଁ ପରିବହନ ଖର୍ଚ୍ଚକୁ ହିସାବ କରାଗଲେ ଏଥିରେ ଅଧିକାଂଶ ସମୟରେ କ୍ଷତି ସହିବାକୁ ପଡୁଥିବା ସେ କହିଛନ୍ତି । ଏବେ ଘରେ ଘରେ ପଙ୍ଖା ଠାରୁ ଆରମ୍ଭ କରି ଏସି ଓ କୁଲର ଲାଗିବା ଫଳରେ ଏହାର ଚାହିଦା ବି ହ୍ରାସ ପାଇଯାଇଛି । ଜଣେ ବରିଷ୍ଠ ନାଗରିକ କହିଛନ୍ତି ପୂର୍ବରୁ ସାହି ଓ ଛକମାନଙ୍କରେ ଗପିବାକୁ ବସିବା ସମୟରେ ପ୍ରତ୍ୟେକେ ବିଞ୍ଚଣା ଧରି ବସିବାକୁ ପସନ୍ଦ କରୁଥିଲୁ । ବର୍ତ୍ତମାନ ସମାଜରେ ଦେଖାଦେଇଥିବା ପୁରୁଣା ପରମ୍ପରାକୁ ନଷ୍ଟ କରିଦେଲାଣି । ଦୁର୍ଭାଗ୍ୟର ବିଷୟ ତାଳପତ୍ର ବିଞ୍ଚଣାର ଚାହିଦା ତ କମିଲାଣି, ଯାହା ବି ଆସୁଛି ସେଥିରେ ବ୍ୟବସାୟୀମାନେ ସେମାନଙ୍କୁ ପରିଶ୍ରମର ମୂଳ ବି ପାଇପାରୁନାହାନ୍ତି ।

## ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ୭୮୮ ଗୟଳ ଚିହ୍ନଟ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ହୀରାକୁଦ ନଦୀବନ୍ଧ କୂଳରେ ଥିବା ଡେବ୍ରିଗଡ଼ ଅଭୟାରଣ୍ୟରେ ଇଣ୍ଡିଏନ୍ ବାଇସନ୍ ବା ଗୟଳ ଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ୍ ପକ୍ଷରୁ ଗତ ମାସରେ କରାଯାଇଥିବା ଏହି ଗଣନା ଅନୁଯାୟୀ ଡେବ୍ରିଗଡ଼ ଅଭୟାରଣ୍ୟରେ ମୋଟ୍ ୭୮୮ ଗୟଳ ଅଛନ୍ତି । ତନ୍ମଧ୍ୟରେ ୨ ବର୍ଷରୁ କମ୍ ବୟସର ୩୧୫ ଓ ୧୨୮ ନବଜାତ ଗୟଳ ଅଛନ୍ତି । ଗତ ବର୍ଷ ପ୍ରଥମ କରି କରାଯାଇଥିବା ଗୟଳ ଗଣନାରେ ଏଠାରେ ୬୫୯ ଗୟଳ ଥିଲେ । ଏହି ଗଣନାର ୬ ମାସ ମଧ୍ୟରେ ୧୨୯ ଗୟଳ ବୃଦ୍ଧି ପାଇଥିବା ଡିଏଫ୍ଓ ଅଂଶୁପ୍ରଜ୍ଞା ଦାଶ ସୂଚନା ଦେଇଛନ୍ତି । ଗତ ଥର ୫୨ଟି ଗୟଳ ଗୋଷ୍ଠୀ ଠାବ କରାଯାଇଥିବା ବେଳେ ଏଥର ତାହା ୬୦କୁ ବୃଦ୍ଧି ପାଇଛି । ଏହି ଗୋଷ୍ଠୀମାନଙ୍କରେ ବୟସ୍କା ମାଈ ଗୟଳମାନେ ଶାବକ ଓ ଛୋଟ ଗୟଳମାନଙ୍କ ନେତୃତ୍ୱ ନେଇଥାନ୍ତି । ଏ ବର୍ଷ ମୌସୁମୀ ଓ ଶୀତ ସମୟରେ ନବଜାତ ଓ ଶାବକ ଗୟଳମାନଙ୍କ ଗଣନା କରାଯିବ । ଏହା ସିଡ୍ୟୁଲଡ୍-୧ ପ୍ରଜାତି ଘୋଷିତ ଏହି ଗୟଳମାନଙ୍କ ସଂରକ୍ଷଣ ଏବଂ ଅନ୍ୟ ବନାଞ୍ଚଳ ତୁଳନାରେ ଏମାନଙ୍କ ଘନତା ପରିସଂଖ୍ୟାନ ସଂଗ୍ରହ କରାଯିବ । ହୀରାକୁଦ ଆର୍ଦ୍ରଭୂମି କୂଳରେ ଥିବା ପରିବେଶ ସମ୍ବେଦନଶୀଳ ଜୋନ୍ ଓ ପର୍ଯ୍ୟଟନ ଜୋନ୍‌ରେ ବହୁ ସଂଖ୍ୟକ ଗୟଳ ଦୃଷ୍ଟିଗୋଚର ହୋଇଥାନ୍ତି । ସେଥିପାଇଁ ଡେବ୍ରିଗଡ଼ ଅଭୟାରଣ୍ୟକୁ ଲ୍ୟାଣ୍ଡ ଅଫ୍ ଇଣ୍ଡିଏନ୍ ବାଇସନ୍ କୁହାଯାଉଛି । ଏହି ପ୍ରଜାତିର ଗୟଳମାନେ ଦୂର ସ୍ଥାନକୁ ଯା’ଆସ କରିପାରନ୍ତି । ହେଲେ ବିସ୍ତୀର୍ଣ୍ଣ ଡେବ୍ରିଗଡ଼ ଅଭୟାରଣ୍ୟରେ ଏମାନେ ୫ ରୁ ୧୫ କିଲୋମିଟର ପର୍ଯ୍ୟନ୍ତ ଚଳପ୍ରଚଳ କରୁଛନ୍ତି । ଅନ୍ୟପକ୍ଷରେ ଡେବ୍ରିଗଡ଼ ଅଭୟାରଣ୍ୟର ସଫାରୀ ଜୋନ୍‌ରେ ୧୪୫ ଗୟଳ ୬ଟି ଗୋଷ୍ଠୀରେ ରହୁଛନ୍ତି । ବନ୍ୟପ୍ରାଣୀ ସଂରକ୍ଷଣ ଆଇନ୍ ୧୯୭୨ ଅନୁଯାୟୀ ଏମାନେ ଲୁପ୍ତପ୍ରାୟ ଥିବାରୁ ସିଡ୍ୟୁଲ-୧ ଘୋଷଣା କରାଯାଇଛି । ଅଭୟାରଣ୍ୟରେ ସମ୍ବର, ହରିଣ, ବାରହା, ବାଘ, ଭାଲୁ, ହାତୀ, କୋକିଶିଆଳୀ ପ୍ରଭୃତି ବନ୍ୟପ୍ରାଣୀ ଅଛନ୍ତି । ଗତ ଶୀତରେ ଏଠାକୁ ୧୨୦ ପ୍ରଜାତିର ୩ ଲକ୍ଷ ୭୦ ହଜାର ବିଦେଶୀ ପକ୍ଷୀ ଆସିଥିଲେ । ୨୦୨୨ରେ ହୀରାକୁଦ ନଦୀବନ୍ଧକୁ ରାମସର ଆର୍ଦ୍ରଭୂମି ମାନ୍ୟତା ପ୍ରଦାନ କରାଯାଇଥିଲା । ଅଭୟାରଣ୍ୟ ମଧ୍ୟରେ ଥିବା ଜନବସତିମାନଙ୍କୁ ଅଭୟାରଣ୍ୟ ଭାବରେ ବାହାରେ ଥଇଥାନ ଓ ବନ୍ଦୋବସ୍ତ କରାଯାଇଛି । ଏବେ ଏହାକୁ ଜାତୀୟ ଉଦ୍ୟାନ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କରିବାର ପ୍ରସ୍ତାବ ରହିଛି । ଅନ୍ୟ ପକ୍ଷରେ ଅଭୟାରଣ୍ୟକୁ ପ୍ଲାଷ୍ଟିକ୍, ପ୍ରତିରୋଧ, ବିଦ୍ୟୁତ୍ ଆଘାତ ଶୂନ୍ୟ ଘୋଷଣା କରାଯାଇଛି । ପର୍ଯ୍ୟଟକମାନଙ୍କ ପାଇଁ ଏଠାରେ ରାତ୍ରିରହଣୀ ପାଇଁ କଟେଜ୍, ୧୮ଟି ସଫାରୀ ଯାନ ଓ ବିଭିନ୍ନ ଧରଣର ଡଙ୍ଗାର ବ୍ୟବସ୍ଥା ରହିଛି ।

## ବଡ଼ ଶଙ୍ଖ କେନାଲରେ କୁଢ଼ କୁଢ଼ ଅଳିଆ ଆବର୍ଜନା



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ପ୍ରଶାସନର ଉଦାସୀନତା, ଅଦୂରଦର୍ଶିତା, ଅବହେଳା, ନିଷ୍କ୍ରିୟତା, ଫଳରେ ଠାଏଁ ଠାଏଁ ଜାଗାରେ ଅଳିଆ ଆବର୍ଜନା ପାହାଡ଼ ଭଳି ଗଦା ହୋଇ ରହିଥିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଲକ୍ଷ୍ୟ କରାଯାଇଛି । ଏହାକୁ ନେଇ କିଛି ଦିନ ତଳେ ଖବର ପ୍ରସାରଣ କରାଯାଇଥିବା ବେଳେ ପ୍ରଶାସନ ଆଖିବନ୍ଦ ମୁଦ୍ରାରେ ରହି ଅବ୍ୟବସ୍ଥାକୁ ବିଚାରକୁ ନେଇ ତତ୍ପରତା ଦେଖାଇଥିଲା । କିନ୍ତୁ ପୁନଃ ମୂଷିକଭବ ନୀତିରେ ରମ୍ଭା ସହରର ବଜାର, ସାହିବସ୍ତି ବିଭିନ୍ନ ସ୍ଥାନର କୁକୁଡ଼ା ପର, ମଲା ମାଛ, ସେଲୁନ୍‌ର ଚୁଟି କଟା ବାଳ କୁଢ଼ କୁଢ଼ ଏବଂ ମେଡ଼ ଭାସୁଥିବାର ଦେଖିବାକୁ ମିଳିଛି ସ୍ଥାନୀୟ ମଶାଣି ନିକଟସ୍ଥ ବଡ଼ ଶଙ୍ଖରେ । ଏହା ଫଳରେ ପାଣିର ଅବସ୍ଥା କହିଲେ ନସରେ । ପାଣି ପଚି ସଢ଼ି କଳା ପଡ଼ି ଦୁର୍ଗନ୍ଧ ହୋଇ ମଶା ମାଛି ଘର କରିବସିଲେଣି । ଏହି ରାସ୍ତା ଦେଇ ବିଭିନ୍ନ ପ୍ରକାରର ବ୍ୟକ୍ତିମାନେ ଦିବାରାତ୍ର ଯାତାୟାତ କରୁଥିବା ବେଳେ ଏବଂ ଦକ୍ଷିଣେଶ୍ୱର ମନ୍ଦିରକୁ ଗଲାବେଳେ ଉପରୋକ୍ତ ସ୍ଥାନ ଦୁର୍ଗନ୍ଧରେ ନାକ ଫାଟିପଡୁଛି । ବିଭିନ୍ନ ସମୟରେ କେନାଲର କୌଣସି ସୁରକ୍ଷା ବ୍ୟବସ୍ଥା ନଥିବା କାରଣରୁ ଅସାମାଜିକ ତଥା ନିଶା ସେବନ ବ୍ୟକ୍ତି ନିର୍ବିଘ୍ନରେ ଆତଯାତ କରୁଥିବା ଲକ୍ଷ୍ୟ କରାଯାଇଛି । ପ୍ରଶାସନ ଉପରୋକ୍ତ ସମସ୍ୟା, ଅବସ୍ଥା, ବ୍ୟବସ୍ଥା ଉପରେ ତୀକ୍ଷ୍ଣ ଦୃଷ୍ଟି ରହିଥିଲେ ମଧ୍ୟ କାର୍ଯ୍ୟକାରୀତାରେ ଶିଥିଳତା କାହିଁକି ନା କୌଣସି ସଲା ସୂତୁରାରେ ଅଟକି ରହିଥିବା ସାଧାରଣରେ କୁହାକୁହି ହେଉଛନ୍ତି । ତତ୍‌ସହିତ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଟାଳ ଟୁଳ ନୀତି କାହିଁକି ବୋଲି ବୁଦ୍ଧିଜୀବୀ ମହଲରେ ସରଗରମ ଆଲୋଚନା ଚାଲିଛି । ଏଥିସହିତ ଏନ୍‌ଏସି ପକ୍ଷରୁ ସର୍ବାଙ୍ଗ ସୁନ୍ଦର ଗଢ଼ି ତୋଳିବା ପାଇଁ ବାସିନ୍ଦା ମାନଙ୍କ ଠାରୁ ଅଳିଆ ଆବର୍ଜନା ବାବଦରେ ୩୦୦ ଟଙ୍କା କର ଆଦାୟ ହେଉଛି । ହେଲେ ଭି.ଆଇ.ପି. ଜେଟି ରୋଡ଼, ପାନ୍ଥନିବାସ ରୋଡ଼ ପାର୍ଶ୍ୱ ରାସ୍ତା କହିଲେନସରେ ।

## କୋରୁକୋଣ୍ଡା ପୁନର୍ବାସ କେନ୍ଦ୍ର ନିର୍ମାଣରେ ବିଳମ୍ବ:ଅସନ୍ତୋଷ ବଢ଼ୁଛି

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ତତ୍କାଳୀନ ରାଜ୍ୟ ସରକାର ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନିରାଶ୍ରୟ ଦିବ୍ୟାଙ୍ଗ ଏବଂ ବୃଦ୍ଧବୃଦ୍ଧାଙ୍କୁ ଆଶ୍ରୟ ଯୋଗାଇ ଦେବାକୁ ଏକ ପୁନର୍ବାସ କେନ୍ଦ୍ର ନିର୍ମାଣ ପାଇଁ ଯୋଜନା କରିଥିଲେ । ଜିଲ୍ଲାର କୋରୁକୋଣ୍ଡାର ଇନ୍ଦିରା କଲୋନୀରେ ଏହି ପୁନର୍ବାସ କେନ୍ଦ୍ର ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ସ୍ଥାନ ନିରୂପଣ କରିଥିଲା । ତେବେ ଗତ ୬ ବର୍ଷ ହେଲା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କାମ ସରିବାର ନାମ ନେଉନାହିଁ । ଗତ ୨୦୧୮ ମସିହାରେ ଏହି ପୁନର୍ବାସ କେନ୍ଦ୍ର ପାଇଁ କୋରୁକୋଣ୍ଡାରେ ପ୍ରାୟ ୨୫ ଏକର ଜାଗା ଚିହ୍ନଟ କରାଯାଇଥିଲା । ଏଠାରେ ରହିଥିବା ଏକ କଲୋନୀର ପ୍ରାୟ ୧୩ ଜଣ ପରିବାରଙ୍କୁ ଅନ୍ୟତ୍ର ଜାଗା ଦେବା ସହ ଗୃହ ନିର୍ମାଣ କରାଯାଇଥିଲା । କାର୍ଯ୍ୟ ବି ଜୋରସୋର୍‌ରେ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକୁ ଭୁବନେଶ୍ୱରର ବ୍ରିଜ୍ ଏବଂ ରୁଫ୍ କମ୍ପାନୀ ଲିମିଟେଡ୍ ଠିକା ସଂସ୍ଥା ଟେଣ୍ଡର ପାଇବା ପରେ କାମ ଆରମ୍ଭ କରିଥିଲା । ସେ ଗତ ୨୦୧୮ରେ ଟେଣ୍ଡର ପାଇଥିଲେ ମଧ୍ୟ ୨୦୧୯ରେ କାମ ଆରମ୍ଭ କରିଥିଲା । ଏହି ପ୍ରକଳ୍ପରେ ଚାରୋଟି ବ୍ଲକ ହେବ ପ୍ରତ୍ୟେକ ବ୍ଲକ ତିନି ମହଲା ବିଶିଷ୍ଟ ହେବ । ଏଥିପାଇଁ ସେତେବେଳେ ୨୭ କୋଟି ୪୪ ଲକ୍ଷ ୨୭୦୦ ଟଙ୍କା ବ୍ୟୟବରାଦ ହୋଇଥିଲା । ଏହି ପୁନର୍ବାସ କେନ୍ଦ୍ରରେ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଏବଂ ସ୍ୱାମୀ ପରିତ୍ୟକ୍ତା ମହିଳାମାନେ ଥଇଥାନ ହେବା ସହ ସେମାନଙ୍କ ପାଇଁ ଗୃହ, ଶୌଚାଳୟ, ରୋଷେଇ ଗୃହ, ଚିକିତ୍ସା ଗୃହ ଇତ୍ୟାଦି ନିର୍ମାଣ କରାଯାଉଛି । ଏହି ୪ଟି କାମ ମଧ୍ୟରୁ ଗୋଟିଏ ହେଲେ କାମ ଆଜି ପର୍ଯ୍ୟନ୍ତ ସରିନାହିଁ । ଏବେବି କିଛି ବ୍ଲକରେ ଛାତ ପଡିନଥିବା ବେଳେ ଇଟା ଯୋଡେଇ ହୋଇନାହିଁ । ତେବେ ରାଜ୍ୟ ସରକାର ବଦଳି ଥିବାବେଳେ ଜିଲ୍ଲା ପ୍ରଶାସନ ମଧ୍ୟ ଏନେଇ କୌଣସି ପଦକ୍ଷେପ ନେଉନଥିବା ଜଣାପଡିଛି । ପରବର୍ତ୍ତୀ ସମୟରେ ଏହାର ଖର୍ଚ୍ଚ ରାଶି ୩୫ କୋଟି ୬୯ ଲକ୍ଷରେ ପହଞ୍ଚିଲାଣି । କିନ୍ତୁ କାମ ସମାପ୍ତ ହେଉନାହିଁ । ବ୍ରିଜ୍ ଏଣ୍ଡ ରୁଫ୍ କମ୍ପାନୀ ଜିଲ୍ଲାର କିଛି ଠିକାଦାରଙ୍କୁ ଏହି କାମ ଦେଇଥିବା ବେଳେ ସେମାନେ ମଧ୍ୟ କାମ କରି ଏବେ ଠକାମୀରେ ପଡିଥିବା ଜଣାପଡିଛି । ସ୍ଥାନୀୟ ଠିକାଦାରମାନେ ଟଙ୍କା ପାଇନଥିବା ଅଭିଯୋଗ ହୋଇଛି । ତେବେ କେବେ ଏହି ପୁନର୍ବାସ କେନ୍ଦ୍ରର କାମ ସରିବ ଏବଂ ଜିଲ୍ଲାର ଅସହାୟ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଏବଂ ଅସହାୟ ମହିଳାମାନେ ଥଇଥାନ ହେବେ ତାକୁ ନେଇ ଜିଲ୍ଲାରେ ବେଶ୍ ଚର୍ଚ୍ଚା ହେଉଛି । ବର୍ତ୍ତମାନର ସରକାର ଏହାକୁ ଗୁରୁତ୍ୱର ସହ ନେଲେ ହୁଏତ ଆଗାମୀ କିଛି ଦିନ ମଧ୍ୟରେ ଏହି ପୁନର୍ବାସ କେନ୍ଦ୍ରର କାମ ଦ୍ରୁତ ଗତିରେ ଆରମ୍ଭ ହୋଇ ସମାପ୍ତ ହେବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୪ ଜୁନ, ମଙ୍ଗଳବାର, ୨୦୨୫


# ଅବସର ନେଲେ ହକି ଫରୱାର୍ଡ ଲଳିତ ଉପାଧ୍ୟାୟ

**ନୂଆଦିଲ୍ଲୀ**



ଭାରତର ଭେଟେରାନ ହକି ଫରୱାର୍ଡ ଲଳିତ ଉପାଧ୍ୟାୟ ଅନ୍ତର୍ଜାତୀୟ ହକିରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଅନ୍ତର୍ଜାତୀୟ ହକି ଖେଳି ଆସୁଥିବା ଲଳିତ ଟୋକିଓ ଓ ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଛନ୍ତି।

୨୦୧୪ ବିଶ୍ୱକପ୍‌ରେ ଲଳିତଙ୍କ ପ୍ରଥମ ପଦାର୍ପଣ ହୋଇଥିଲା। ଭାରତୀୟ ଦଳର ସେ ଜଣେ ଅନ୍ୟତମ ପ୍ରମୁଖ ଖେଳାଳି ପରିଗଣିତ ହେଉଥିଲେ। ତାଙ୍କ ଉପସ୍ଥିତିରେ ଭାରତ ୨୦୨୦ ଟୋକିଓ ଅଲିମ୍ପିକ୍ସ ଓ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଉତ୍ତର ପ୍ରଦେଶର ବାରଣାସୀ ଅନ୍ତର୍ଗତ ଏକ ଛୋଟିଆ ଗାଁରେ ଜନ୍ମ ଗ୍ରହଣ କରିଥିବା ସୀମିତ ସମ୍ବଳ ସହ ଅସୀମ ସ୍ୱପ୍ନ ଦେଖିଥିଲେ ଏହି ହକି ଖେଳାଳି।

୩୧ ବର୍ଷୀୟ ଲଳିତ ୟୁରୋପିଆନ ଲେଗ୍‌ରେ ରବିବାର ଭାରତର ବେଲଜିୟମ ବିପକ୍ଷରେ ଅନ୍ତିମ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ମ୍ୟାଚ୍ ପରେ ଏକ ସୋସିଆଲ ମିଡିଆରେ ଏକ ହୃଦୟସ୍ପର୍ଶୀ ପୋଷ୍ଟ କରି ଅବସର ଘୋଷଣା କରିଛନ୍ତି। ସେ ସିନିୟରସ୍ତରରେ ଭାରତ ପାଇଁ ୧୮୩ ମ୍ୟାଚ୍ ଖେଳି ୬୭ ଗୋଲ୍ ସ୍କୋର କରିଛନ୍ତି। ସେ ବର୍ଷ ବର୍ଷ ଧରି ଭାରତୀୟ ଫରୱାର୍ଡ ଲାଇନ୍‌ରେ ଜଣେ ନିର୍ଭରଯୋଗ୍ୟ ଖେଳାଳି ଥିଲେ। ଜୁନ୍ ୧୫ରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ସେ ଶେଷ ଥର ପାଇଁ ଭାରତୀୟ ଜର୍ସି ପରିଧାନ କରିଥିଲେ। ଏହି ଅବସରରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି ଯେ, ଲଳିତ ତାଙ୍କ ପୀଢ଼ିର ଦକ୍ଷ ଓ ଉତ୍ସର୍ଗୀକୃତ ଫରୱାର୍ଡମାନଙ୍କ ମଧ୍ୟରେ ଅନ୍ୟତମ।

## ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟ

# ପନ୍ତ ଓ ରାହୁଲଙ୍କ ଶତକ : ଇଂଲଣ୍ଡକୁ ୩୭୧ ରନର ଟାର୍ଗେଟ୍ ଦେଲା ଭାରତ

**ହେଡିଂଲେ**

ପ୍ରଥମ ଇନିଂସର ଭୁଲ୍‌କୁ ପୁଣି ଦୋହରାଇଲା ଭାରତ। ଶେଷ ୬ ୱିକେଟ୍ ମାତ୍ର ୩୧ ରନରେ ହରାଇ ଦ୍ୱିତୀୟ ଇନିଂସରେ ୩୬୪ ରନରେ ଅଲଆଉଟ୍ ହୋଇଛି ଭାରତୀୟ ଟିମ୍। ଫଳରେ ଘରୋଇ ଇଂଲଣ୍ଡକୁ ୪୦୦ରୁ ଊର୍ଦ୍ଧ୍ୱ ବିଜୟ ଲକ୍ଷ୍ୟ ଦେବା ଜାଗାରେ ଭାରତ ଦେଇଛି ୩୭୧ ରନର ବିଜୟ ଲକ୍ଷ୍ୟ। କେଏଲ ରାହୁଲ ଓ ଋଷଭ ପନ୍ତଙ୍କ ଶତକକୁ ବାଦ୍ ଦେଲେ ବାକି ବ୍ୟାଟର ନିରାଶ କରିଛନ୍ତି। ମ୍ୟାଚ୍ ଏବେ ରୋମାଞ୍ଚକର ମୋଡ଼ ନେଇଛି। ଉଭୟ ଦଳ ପାଖରେ ମ୍ୟାଚ୍ ଜିତିବାର ସୁଯୋଗ ରହିଛି। ଭାରତ ପ୍ରଥମ ଇନିଂସରେ ୪୭୧ ରନ କରିଥିବା ବେଳେ ଇଂଲଣ୍ଡ କରିଥିଲା ୪୬୫ ରନ।



ତୃତୀୟ ଦିନର ଅସମାପ୍ତ ଖେଳ ୯୦/୨ରୁ ଭାରତ ବ୍ୟାଟିଂ ଆରମ୍ଭ କରିଥିଲା। କ୍ରିଜ୍‌ରେ ଥିଲେ କେଏଲ ରାହୁଲ ଓ ଶୁଭମନ ଗିଲ୍। ଚତୁର୍ଥ ଦିନର ପ୍ରଥମ ସେସନ ଆରମ୍ଭରୁ ଶୁଭମନ ଗିଲ୍(୮ ରନ) ଆଉଟ୍ ହୋଇଥିଲେ। ଏହା ପରେ କେଏଲ ରାହୁଲ ଓ ଋଷଭ ପନ୍ତ ଦଳର ଇନିଂସ ସମ୍ଭାଳିଥିଲେ। ଉଭୟ ଚିରାଚରିତ ଶୈଳୀରେ ବ୍ୟାଟିଂ କରି ଭାରତର ସ୍ଥିତି ମଜବୁତ କରିଥିଲେ। ଏଥିସହ ନିଜ ନିଜର ଚିତ୍ତାକର୍ଷକ ଶତକ ହାସଲ କରିଥିଲେ ରାହୁଲ ଓ ପନ୍ତ। ଦୁଇ ବ୍ୟାଟର ଚତୁର୍ଥ ୱିକେଟ୍ ପାଇଁ ୧୯୫ ରନ ଯୋଡ଼ି ଦଳର ସ୍କୋରକୁ ୨୮୭ ରନରେ ପହଞ୍ଚାଇଥିଲେ। ପନ୍ତ ୧୪୦ ବଲରୁ ୧୫ ଚୌକା ଓ ୩ ଛକା ସହ ୧୧୮ ରନର ଐତିହାସିକ ଇନିଂସ ଖେଳିଛନ୍ତି।

ପନ୍ତଙ୍କ ପରେ କ୍ରିଜ୍‌ରେ ଜମିଥିବା କେଏଲ ରାହୁଲ ଆଉଟ୍ ହେବା ଭାରତୀୟ ଦଳକୁ ବଡ଼ ଝଟ୍‌କା ଦେଇଥିଲା। ରାହୁଲ ୧୮ ଚୌକା ସହ ୧୩୭ ରନର ମାରାଥନ ଇନିଂସ ଖେଳିଥିଲେ। ଏହା ପରେ ଭାରତ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା। କରୁଣ ନାୟର ମିଳିଥିବା ସୁଯୋଗର ଫାଇଦା ଉଠାଇ ପାରି ନ ଥିଲେ। ସେ ୨୦ ରନ କରି ପାଭିଲିୟନ ଫେରିଥିଲେ। ୯୧ତମ ଓଭରରେ ଭାରତ ୩ ୱିକେଟ୍ ହରାଇବାରୁ ଦଳ ୩୫୦ ରନ ଭିତରେ ଅଲଆଉଟ୍ ହେବାର ସମ୍ଭାବନା ସୃଷ୍ଟି ହୋଇଥିଲା। ସେହି ଓଭରରେ ଜୋଶ ଟଙ୍ଗଙ୍କ ଉକ୍ତ ଓଭରରେ ଶାର୍ଦ୍ଦୁଳ ଠାକୁର(୪), ମହମ୍ମଦ ସିରାଜ(୦) ଓ ଯଶପ୍ରୀତ ବୁମରା(୦) ଆଉଟ୍ ହୋଇଥିଲେ। ତେବେ ଶେଷ ଆଡ଼କୁ ଜାଡ଼େଜା ୨୫ ରନ କରିବାରୁ ଭାରତ ୩୬୪ ରନ କରିପାରିଛି। ପ୍ରଥମ ଇନିଂସରେ ୬ ରନ ଅଗ୍ରଣୀ ସହ ଭାରତ ଘରୋଇ ଇଂଲଣ୍ଡକୁ ୩୭୧ ରନର ବିଜୟ ଲକ୍ଷ୍ୟ ମିଳିଛି। ବୋଲିଂରେ ବ୍ରାଇଡନ କାର୍ସ ଓ ଜୋଶ ଟଙ୍ଗ ପ୍ରତ୍ୟେକ ୩ଟି ଲେଖାଏଁ ୱିକେଟ୍ ନେଇଛନ୍ତି। ଶୋଏବ ବସିରଙ୍କୁ ୨ଟି ୱିକେଟ୍ ମିଳିଛି।

# ତୁଳସୀ ମାହାତୋ ଦ୍ୱିତୀୟ ମେମୋରିଆଲ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ସମ୍ପନ୍ନ



**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ପ୍ରାକ୍ତନ ଫୁଟବଲ ଖେଳାଳି ତୁଳସୀ ମାହାତୋ ଦ୍ୱିତୀୟ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ସେକ୍ଟର ୨୧ସ୍ଥିତ ନୟାବଜାର ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟ ଆୟୋଜନର ମୁଖ୍ୟ ସମାଜସେବୀ ବନ୍ଦିତା ମାହାତୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ପୁରୁଷ ବିଭାଗରେ ବେଙ୍ଗଲ ଟାଇଗର ଦଳ ପାଣ୍ଡବ ଏଫ୍‌ସିକୁ ହରାଇ ଚାମ୍ପିଅନ ଟ୍ରଫି ସହ ନଗଦ ୩ ହଜାର ଓ ପାଣ୍ଡବ ଏଫ୍‌ସିକୁ ରନର୍ସଅପ୍ ଟ୍ରଫି ସହ ନଗଦ ୨ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ମହିଳା ଫୁଟବଲ୍ ପ୍ରତିଯୋଗିତାରେ ଆରବିଏଫସି ଦଳ ଫାଇଟର କ୍ଲବ୍‌କୁ ପରାସ୍ତ କରି ଚାମ୍ପିଅନ ଟ୍ରଫି ଓ ନଗଦ ୩ ହଜାର ଓ ଫାଇଟର କ୍ଲବ୍‌କୁ ରନର୍ସଅପ୍ ଟ୍ରଫି ସହ ନଗଦ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବନ୍ଦିତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ବିଜେପିର ବରିଷ୍ଠ କର୍ମକର୍ତ୍ତା ସୂର୍ଯ୍ୟକାନ୍ତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସମାଜସେବୀ ଗ୍ରେସି ଡେଭିଡ,ଦିପ୍ତି ସୁନ୍ଦରାୟ, କାର୍ତ୍ତିକ ରାଉତ, ଗରିମା ପତ୍ରି, ଶଶିଲତା, ଗୌରୀ କୁମ୍ଭାର, ରାହୁଲ ମହାନ୍ତି, ନରେନ୍ଦ୍ର ସିଂ କଲ୍ଲା, ସୁମତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ସ୍ୱର୍ଗତ ତୁଳସୀ ମାହାତୋ ବନ୍ଦିତାଙ୍କ ପିତା ଅଟନ୍ତି। ସେ ଜଣେ ଫୁଟ୍‌ବଲ ଖେଳାଳି ହେବାସହ ଗ୍ରାମାଞ୍ଚଳରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ଖେଳାଳିଙ୍କୁ ଲୋକଲୋଚନରେ ଆଣି ପାରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଆଖପାଖ ଅଞ୍ଚଳର ଶତାଧିକ ବ୍ୟକ୍ତି ଉପଭୋଗ କରିଥିଲେ। ଶେଷରେ ଆବାହକ ଶ୍ରୀମତୀ ମାହାତୋ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତ ଏବଂ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁ ଥିବା ଟି୨୦ ବିଶ୍ୱକପ୍ ୨୦୨୬ ପାଇଁ ଯୋଗ୍ୟତା ହାସଲ କଲା କାନାଡା

**ନୂଆଦିଲ୍ଲୀ**

କାନାଡ଼ା କ୍ରିକେଟ୍ ଦଳ ଭାରତ ଏବଂ ଶ୍ରୀଲଙ୍କା ଦ୍ୱାରା ମିଳିତ ଭାବରେ ଖେଳାଯିବାକୁ ଥିବା ଆଇସିସି ଟି୨୦ ବିଶ୍ୱକପ୍ ୨୦୨୬ ପାଇଁ ଯୋଗ୍ୟତା ହାସଲ କରିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ଅଫିସିଆଲ ୱେବ୍‌ସାଇଟ୍ ଅନୁଯାୟୀ, ଆମେରିକା ଯୋଗ୍ୟତା ପର୍ଯ୍ୟାୟର ଆୟୋଜକ ବାହାମାସ ବିପକ୍ଷରେ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟରେ ନିଜର ସ୍ଥାନ ସୁରକ୍ଷିତ କରିଛି। ଯାହା ଚଳିତ ଅଭିଯାନରେ ସେମାନଙ୍କର କ୍ରମାଗତ ପଞ୍ଚମ ବିଜୟ। ଆଇସିସି ୱେବସାଇଟ୍ ଅନୁଯାୟୀ, କଲିମ୍ ସାନା ଏବଂ ଶିବମ୍ ଶର୍ମା ପ୍ରତ୍ୟେକ ତିନୋଟି ୱିକେଟ୍ ନେଇଥିଲେ, ଯାହା କାନାଡ଼ା ବାହାମାସକୁ ମାତ୍ର ୫୭ ରନରେ ଅଲଆଉଟ୍ କରିବାରେ ସାହାଯ୍ୟ କରିଥିଲା। ଏହା ପରେ, ଏହି ଛୋଟ ଲକ୍ଷ୍ୟକୁ କାନାଡା ବ୍ୟାଟ୍‌ସମ୍ୟାନ ମାନେ ମାତ୍ର ୫.୩ ଓଭରରେ ୩ ୱିକେଟ୍ ହରାଇ ହାସଲ କରିଥିଲେ। କାନାଡ଼ା ବ୍ୟାଟ୍‌ସମ୍ୟାନ୍ ଦିଲପ୍ରୀତ ବାଜୱା ୧୪ ବଲ୍‌ରୁ ଅପରାଜିତ ୩୬ ରନ ସଂଗ୍ରହ କରିଥିଲେ।

# ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ : ଗୁହାଲଡ଼ିହି ଚାମ୍ପିଅନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସ୍ଥାନୀୟ ଜୁବୁଲି ପେଟ୍ରୋଲ ପମ୍ପ ନିକଟସ୍ଥ ପଡିଆରେ ମା' କିଚକେଶ୍ୱରୀ ଭଲିବଲ ଏକାଡେମୀ ଆନୁକୂଲ୍ୟରେ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଭଲିବଲ ଆସୋସିଏସନର ଉପସଭାପତି ମନୋରଞ୍ଜନ ଜୀଉ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୯ଟି ଦଳ ଅଂଶଗ୍ରହଣ



କରିଥିବା ବେଳେ ଫାଇନାଲ ମ୍ୟାଚ୍‌ରେ ଗୁହାଲଡ଼ିହି ଦଳ ଡିପାସାହିକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ରେଫେରି ଭାବେ ଚିନ୍ମୟ ମିଶ୍ର, ଦୀପକ ବେହେରା, ଇନ୍ଦ୍ରଜିତ ଶତପଥି, ଯାମିନୀକାନ୍ତ ପାଣି ଖେଳ ପରିଚାଳନା କରିଥିବା ବେଳେ ସତ୍ୟଜିତ ଷଡ଼ଙ୍ଗୀ, ସପନ ରଣା ଓ ପ୍ରସନ୍ନ ମହାପାତ୍ର ସ୍କୋରିଂରେ ସହାୟତା କରିଥିଲେ। ଚାମ୍ପିଅନ ଦଳକୁ ୫ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୩ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇ ଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଭଲିବଲ ସମ୍ପାଦକ ପାର୍ଥସାରଥି ସ୍ୱାଇଁ, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ଜାତୀୟ ଭଲିବଲ ଖେଳାଳି ମୁକ୍ତେଶ୍ୱର ଜୀଉ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାନୁ ପ୍ରତାପ ଭଞ୍ଜଦେଓ, ବସନ୍ତ ମିଶ୍ର, ମଙ୍ଗଳ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଟାଟା ଷ୍ଟିଲ୍ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ପାରାମେଡିକ୍ ବୃତ୍ତିଗତ ତାଲିମ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଟାଟା ଷ୍ଟିଲ ଫାଉଣ୍ଡେସନ୍ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଗଠିତ ଦାନଗଦି ମଲ୍ଟି-ସ୍କିଲ ଡେଭଲପମେଣ୍ଟ ସେଣ୍ଟର (ଏମଏସଡ଼ିସି) ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ସୋମବାର ଦାନଗଦିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଥମ ବ୍ୟାଚ୍‌ର ୬୧ ଜଣ ଛାତ୍ରଛାତ୍ରୀ ପାରାମେଡିକ୍ ବୃତ୍ତିଗତ ତାଲିମ ନେବା ପାଇଁ ବିଭିନ୍ନ ସଂସ୍ଥାକୁ ପ୍ରେରଣ କରାଯାଇଛି।



ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ, ନୀଳାଚଳ ଇସ୍ପାତ ନିଗମ, ଟାଟା ଷ୍ଟିଲ ଫାଉଣ୍ଡେସନ୍ ଏବଂ ଆଷ୍ଟ୍ରନ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନସେସ୍‌ର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜୁଲାଇ ୨୩, ୨୦୨୫ରେ ଶ୍ରେଣୀଗୃହ ତାଲିମ ସମାପ୍ତ ହେବା ପୂର୍ବରୁ, ଏହି ୬୧ ଜଣ ଛାତ୍ର-ଛାତ୍ରୀ ଭୁବନେଶ୍ୱର ଏବଂ ଯାଜପୁରର ପ୍ରମୁଖ ଡାକ୍ତରଖାନା ମାନଙ୍କରେ ବୃତ୍ତିଗତ ତାଲିମ ଆରମ୍ଭ କରିବେ। ଏଥିପାଇଁ କେୟାର ହସ୍ପିଟାଲ, ସନସାଇନ ହସ୍ପିଟାଲ, ମଣିପାଳ ହସ୍ପିଟାଲ ଏବଂ ଟାଟା ଷ୍ଟିଲ ମେଡିକା ଭଳି ସୁପରିଚିତ ସଂସ୍ଥାଗୁଡ଼ିକୁ ବାଛାଯାଇଛି। ଏହା ଛାତ୍ରମାନଙ୍କ ବୃତ୍ତିଗତ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଦକ୍ଷତା ବିକାଶ ଓ ବାସ୍ତବ ଚାକିରି ମଧ୍ୟରେ ଥିବା ଦୂରତ୍ୱ କମାଇବାରେ ସେଣ୍ଟରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

୨୦୨୪ ଡିସେମ୍ବରରେ ସ୍ଥାପିତ ହୋଇଥିବା ଏହି ସେଣ୍ଟରର ଉଦ୍ଦେଶ୍ୟ ହେଉଛି ଆର୍ଥିକ ସ୍ତରରେ ଦୁର୍ବଳ ଯୁବକ-ଯୁବତୀଙ୍କୁ ଶିକ୍ଷା-ସମ୍ବନ୍ଧୀୟ ଦକ୍ଷତା ପ୍ରଦାନ କରି ସେମାନଙ୍କୁ ଚାକିରି ପାଇବାରେ ସାହାଯ୍ୟ କରିବା ଏବଂ ସ୍ୱାବଲମ୍ବୀ କରିବା। ପ୍ରଥମ ପର୍ଯ୍ୟାୟରେ, ଟାଟା ଷ୍ଟିଲ ଫାଉଣ୍ଡେସନ୍ ଗୁଡ଼ଗାଁଓ ସ୍ଥିତ ଆଷ୍ଟ୍ରନ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନସେସ୍ ସହ ମିଶି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକବର୍ଷୀୟ ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ କରିଛି। ଏଥିରେ ରେଡିଓଲୋଜି ଟେକ୍ନିସିଆନ୍, ଡାଏଲିସିସ୍ ଟେକ୍ନିସିଆନ୍ ଏବଂ ମେଡିକାଲ୍ ଲାବୋରେଟୋରୀ ଟେକ୍ନିସିଆନ୍ ପାଇଁ ତାଲିମ ଦିଆଯାଉଛି ଯାହାର ବର୍ତ୍ତମାନ ବଜାର ଚାହିଦା ରହିଛି ଏବଂ ଏହି କ୍ଷେତ୍ର ଗୁଡିକରେ ଅନେକ ନିଯୁକ୍ତି ସୁଯୋଗ ମିଳୁଛି।

# ଗାଡ଼ିଧକ୍କାରେ ପ୍ରାଣ ହରାଇଲା ନନ୍ଦୀ : ବିଧିମୁତାବକ ଶେଷକୃତ୍ୟ କଲେ ସମାଜସେବୀ



**କେନ୍ଦୁଝର, ନ୍ୟୁଜ୍**

ଭାରତୀୟ ସଂସ୍କୃତିରେ ଦେବଦେବ ମହାଦେବଙ୍କ ବାହାନ ଭାବେ ଷଣ୍ଢକୁ ପୂଜା କରାଯାଇଥାଏ। ଏପରିକି କେହି ଷଣ୍ଢମାନଙ୍କୁ ଖାଇବାକୁ ଦେଇ ପୁଣ୍ୟ ଅର୍ଜନ କରନ୍ତି ତ କେହି କେହି ପୂଜା ମଧ୍ୟ କରିଥାନ୍ତି। କିନ୍ତୁ ଅନେକ ମାନସିକ ପୂରଣ କରିବା ଆଶାରେ ଷଣ୍ଢକୁ ଶୈବପୀଠରେ ପୂଜା କରି ସେମାନଙ୍କୁ ଅନାଥ କରି ଛାଡ଼ିଦିଅନ୍ତି। ଏହି ଷଣ୍ଢମାନେ ଖାଦ୍ୟ ଅନ୍ୱେଷଣରେ ଏଣେତେଣେ ରାସ୍ତାରେ ବୁଲି ବୁଲି ଶେଷରେ ଦୁର୍ଘଟଣାର ଶିକାର ହୁଅନ୍ତି। ଏପରି ଦେଖିବାକୁ ମିଳିଛି କେନ୍ଦୁଝର ସହର ଉପକଣ୍ଠରେ। ସୋମବାର ଭୋର ସମୟରେ ଦ୍ରୁତଗତିରେ ଯାଉଥିବା ଏକ ଅଜଣା ଭରିଯାନ ଧକ୍କାରେ ମାଧପୁର ମାଆ କାଳୀ ମନ୍ଦିର ନିକଟରେ ଏକ ବୃଷଭର ମୃତ୍ୟୁ ଘଟିଥିଲା। କେନ୍ଦୁଝରର ଅନେକ ଲୋକ ସେହି ରାସ୍ତା ଦେଇ ଯିବା ଆସିବା କରୁଥିଲେ ମଧ୍ୟ କେହି ତାହାର ସେବା କରିବା ପାଇଁ ଆସିଲେ ନାହିଁ। କେନ୍ଦୁଝରର ସମାଜସେବୀ ଟିଙ୍କୁ ଶର୍ମା, ବିଶ୍ୱ ହିନ୍ଦୁ ପରିଷଦର ନଗର ସମ୍ପାଦକ ସୁବ୍ରତ ମହାନ୍ତି, ରଞ୍ଜନ ସାହୁ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ପ୍ରତାପ କୁମାର ଝରା, ସମାଜସେବୀ ରଞ୍ଜୁ ସାହୁ, ପଙ୍କଜ ରାମ, ରଙ୍ଗାଧର ନାଥ ପ୍ରମୁଖ ପହଞ୍ଚି କେନ୍ଦୁଝରଗଡ଼ ପୌରପାଳିକା ସହ ସମ୍ପର୍କ କରିବା ପରେ ପୌରପାଳିକା ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ଏହି ବୃଷଭକୁ ଧାଙ୍ଗରପଡ଼ା ସ୍ଥିତ ଆଦର୍ଶ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ବୃଷଭର ବିଧି ଅନୁଯାୟୀ ପୂଜାର୍ଚ୍ଚନା ପୂର୍ବକ ଗାତ ଖୋଳାଯାଇ ଆବଶ୍ୟକୀୟ ଲୁଣ, ଫିଟିକିରି ପକାଇ ମୃତ ନନ୍ଦୀଙ୍କ ଶେଷ କୃତ୍ୟ ସମ୍ପାଦନା କରିଥିଲେ।

# ଗୁଳି ମାଡ଼ରେ ଅଳ୍ପକେ ବର୍ତ୍ତିଲେ ଯୁବକ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ୧୮ ନମ୍ବର ଜାତୀୟ ରାଜପଥ ବାଇଗଣବାଡ଼ିଆ-କୁଚେଇ ମଝିରେ ସୋମବାର ଜଣେ ଯୁବକଙ୍କୁ ଗୁଳିମାଡ଼ କରାଯାଇଥିଲା। ଏଥିରେ ଯୁବକ ଜଣକ ଗୁରୁତର ହୋଇ ବାରିପଦା ପିଆରଏମ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇ ଥିଲା। ଆହତ ଯୁବକ ଜଣକ କୁଳିଅଣା ଥାନା କାମତା ଗ୍ରାମର ଶିବାନନ୍ଦ ବାରିକ(୩୦)ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ଶିବାନନ୍ଦ କୁଳିଅଣା ସ୍ଥିତ ମଦ କାଉଣ୍ଟରରୁ ଟଙ୍କା ନେଇ ଜାତୀୟ ରାଜପଥ ନଂ ୧୮ରେ ବାରିପଦା ଆସୁଥିବା ବେଳେ ଦୁଇଟି ବାଇକ୍‌ରେ ୪ ଜଣ ଯୁବକ ତାଙ୍କୁ ପିଛା କରିଥିଲେ। ହଠାତ କୁଚେଇ-ବାଇଗଣବାଡ଼ିଆ ରାସ୍ତା ନିକଟରେ ତାଙ୍କ ଉପରକୁ ୫ ରାଉଣ୍ଡ ଗୁଳି ଚଳାଇଥିଲେ। ସେଥିରୁ ଗୋଟିଏ ଗୁଳି ତାଙ୍କ ଜଙ୍ଘରେ ବାଜିଥିବା ବେଳେ ଆଉ ଗୋଟିଏ ଗୁଳି ମୁଣ୍ଡରେ ବାଜିଛି। ତେବେ ଟଙ୍କା ବ୍ୟାଗ୍ ଛଡ଼ାଇବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇ ଥିଲେ। ଦୁର୍ବୃତ୍ତମାନେ ବଙ୍ଗଳାରେ କଥାବାର୍ତ୍ତା ହେଉଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ତେବେ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଶିବାନନ୍ଦ କୁଳିଅଣା ମଦ କାଉଣ୍ଟରରୁ ୭-୮ ଲକ୍ଷ ଟଙ୍କା ନେଇ ବାରିପଦା ଅଭିମୁଖେ ଯାଉଥିବା ସମୟରେ କିଛି ଦୁର୍ବୃତ୍ତ ବାଇକ୍‌ରେ ଆସି ୫ ରାଉଣ୍ଡ ଗୁଳି ଚାଳନା କରିଥିଲେ।

# ମହିଳା ନିର୍ଯାତନାର ଅନୁଧ୍ୟାନ ପାଇଁ ଟିକାବାଲିରେ ପହଞ୍ଚିଲା କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଟିକାବାଲିରେ ରବିବାର କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପହଞ୍ଚିଛନ୍ତି। କଂଗ୍ରେସର ଏହି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ରେ ଅଛନ୍ତି ୫ ଜଣ ସଦସ୍ୟ। ଗୋପାଳପୁର ଠାରେ ହୋଇଥିବା ଜଘନ୍ୟ ଗଣବଳାତ୍କାର ଏବଂ ରାଜ୍ୟରେ ଆକସ୍ମିକ ଭାବରେ ଶତାଧିକ ମହିଳା, ଶିଶୁ ନିଖୋଜ ହେବା ଓ ରାଜ୍ୟରେ ମହିଳାଙ୍କ ପ୍ରତି ବଢୁଥିବା ଅତ୍ୟାଚାରକୁ ନେଇ ଚିନ୍ତା ପ୍ରକଟ କରି ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ପରିସ୍ଥିତିକୁ ଅନୁସନ୍ଧାନ କରିବା ନିମନ୍ତେ ଗଠନ କରିଛନ୍ତି ତଥ୍ୟ ଅନୁଧ୍ୟାନ କାରି ଦଳ। ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ପୂର୍ବତନ ଏଆଇସିସି ମହିଳା କଂଗ୍ରେସ ଅଧକ୍ଷା ଦିପା ଦାସମୁନସୀ




ଆବାହକତ୍ୱରେ ୪ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ୫ ଜଣିଆ ତଥ୍ୟ ଅନୁଧ୍ୟାନ କାରୀ ଦଳର ନେତୃବୃନ୍ଦ ସାଂସଦ ରଞ୍ଜିତ ରଞ୍ଜନ, ସାଂସଦ ପ୍ରଣିତି ସିନ୍ଦେ, ଏସ୍ ଯୋଥିମଣି, ପୂର୍ବତନ ଏଆଇସିସି ମହିଳା କଂଗ୍ରେସ ଅଧକ୍ଷା ଶୋଭା ଓଜା ପ୍ରମୁଖ ଭୁବନେଶ୍ୱରରେ ଶନିବାର ପହଞ୍ଚି ଥିଲେ। ଉକ୍ତ ଦଳ ସହ ରାଜ୍ୟ ମହିଳା କଂଗ୍ରେସ ଅଧକ୍ଷା ମିନାକ୍ଷୀ ବାହିନୀପତି, ସସ୍ମିତା ବେହେରା, ବନ୍ଦିତା ପରିଡ଼ା, ସୋନାଲି ସାହୁ, ମନିଷା ଦାଶ ପଟ୍ଟନାୟକ, ଜୟଶ୍ରୀ ପାତ୍ର ପ୍ରମୁଖ ମହିଳା କଂଗ୍ରେସ ନେତୃବୃନ୍ଦ ଶନିବାର ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସ୍ଥଳ ପରିଦର୍ଶନ କରି ରବିବାର ଟିକାବାଲି ଅଞ୍ଚଳରେ ପହଞ୍ଚି କିଛି ଦିନ ତଳେ ବଳାତ୍କାର କରି ମାରି ଦେଇଥିବା ପୀଡ଼ିତାର ପରିବାର ବର୍ଗଙ୍କୁ ଭେଟି ଫେରିଥିଲେ।

# ନବୀନ ବାବୁଙ୍କ ଆରୋଗ୍ୟ କାମନା କରି ପ୍ରାର୍ଥନା ଓ ସାମୂହିକ ଦୀପଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ପୂର୍ବତନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ସଂଖ୍ୟାଲଘୁ ସେଲ ସଭାପତି ସେକ ଇନାୟତଙ୍କ ତତ୍ତ୍ୱାବଧାନରେ ହଜରତ ସୟଦ ମନସୁର ସାହା ବାବା (ପୀର ବାବା)ଙ୍କ ଉପରେ ଚଦର ପ୍ରଦାନ କରି ସାମୁହିକ ପ୍ରାର୍ଥନା କରାଯାଇ ଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଅସୁସ୍ଥ ହୋଇ ମୁମ୍ବାଇର ଏକ ଖ୍ୟାତି ନାମା



ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ସମାଜସେବୀ ରଂଜିତ ସାହୁ, ମୁକ୍ତାର ଖାନ, କାଉନସିଲରଙ୍କ ପ୍ରତିନିଧି ସେକ ଚାନ୍ଦ, ସେକ ନସିମୁଦ୍ଦିନ, ସେକ ମୁସ୍ତାକ, ସେକ ଟାନୁ, ସେକ ନେଜାମୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରେସ୍ ୟୁନିୟନ ରାୟଗଡ଼ାର ନବମ ପ୍ରତିଷ୍ଠା ଦିବସ

# ଭାରତରେ ଶାନ୍ତି ସ୍ଥାପନ କରିବାରେ ସାମ୍ବାଦିକମାନଙ୍କ ଅବଦାନ ଅତୁଳନୀୟ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ପ୍ରେସ୍ ୟୁନିୟନ ରାୟଗଡ଼ର ନବମ ପ୍ରତିଷ୍ଠା ଦିବସ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ କାଦମ୍ବିନୀ ସାହିତ୍ୟ ପତ୍ରିକାର ସଂପାଦିକା ଇତିରାଣୀ ସାମନ୍ତ, ବକ୍ତାଭାବେ କୋରାପୁଟ ସେଣ୍ଟ୍ରାଲ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗର ପ୍ରାଧ୍ୟାପକ ନିଖିଲ କୁମାର ଗୌଡ଼ ଏବଂ ସମ୍ମାନୀତ ଅତିଥି ଭାବେ ଅଖିଳ ଭାରତୀୟ ସଂସ୍ଥା ସମିତିର ସଭାପତି ଦାଣ୍ଡି ସ୍ୱାମୀ ଭାସ୍କର ତୀର୍ଥଙ୍କ ସହ ପ୍ରେସ୍ ୟୁନିୟର ସଭାପତି ଅମୂଲ୍ୟରତ୍ନ ସାହୁ ଏବଂ ସାଧାରଣ ସଂପାଦକ ଶିବାଜୀ ଦାଶ ମଞ୍ଚାସୀନ ଥିଲେ। ଶ୍ରୀ ସାହୁ, ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶ୍ରୀଦାଶ, ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ। ସେ ନିଜ ବକ୍ତବ୍ୟରେ ସ୍ୱର୍ଗତ ରାଜିବ ପଣ୍ଡାଙ୍କ ଅସହାୟ ବୃଦ୍ଧ ପିତା, ମାତାଙ୍କୁ ମାସିକିଆ ଭତ୍ତା ପ୍ରଦାନ କରାଯିବ ବୋଲି କହିଥିଲେ। ବିଗତ ବର୍ଷରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହ ସାମାଜିକ କାର୍ଯ୍ୟକ୍ରମ ମାନ କରାଯାଇଥିବା ସେ ପ୍ରକାଶ କରିଥିଲେ। ସେ ଆହ୍ୱାନ ଦେଇ କହିଥିଲେ ଆସ ସମସ୍ତେ ମିଳିମିଶି ଲୋକଙ୍କ ପାଇଁ ସେବା କରିବା। ଭାରତ ବର୍ଷରେ ଶାନ୍ତି ସ୍ଥାପନ କରିବାରେ ସାମ୍ବାଦିକ ମାନଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ ଦାଣ୍ଡି ସ୍ୱାମୀ ଭାସ୍କର ତୀର୍ଥ। ଏଥି ସହ ଲେଖନୀର ବାକ୍ୟଦ୍ୱାରା ସମାଜରେ କ'ଣ ପ୍ରଭାବ ପକାଉଛି ତାହା ସାମ୍ବାଦିକ ଚିନ୍ତନ କରିବାର ଆବଶ୍ୟକତା ଅଛି ବୋଲି ପ୍ରକାଶ କରିଥିଲେ। ନିଜ ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକମାନେ ସ୍ଥାନୀୟ ଖବରକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ନିଜ ଲେଖନୀ ଦ୍ୱାରା ସମସ୍ୟାର ସମାଧାନ ହୋଇପାରିଲେ ସ୍ଥାନୀୟ ଅଞ୍ଚଳର ବିକାଶ ହୋଇପାରିବ ବୋଲି ବକ୍ତା ଶ୍ରୀ ଗୌଡ଼ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଡଃ ସାମନ୍ତ, ଗଣମାଧ୍ୟମ ପ୍ରତିନିଧିମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଅସୀମ ସାହାସ ଯୋଗୁଁ ଦେଶ ତଥା ବିଦେଶର କୋଣ ଅନୁକୋଣରେ ଘଟୁଥିବା ଖବରଗୁଡିକ ଖୁବ୍ କମ ସମୟରେ ଜାଣିପାରୁଛନ୍ତି ବୋଲି ପ୍ରକାଶ କରିଥିଲେ। ଏଥି ସହ ପ୍ରେସ ୟୁନିୟନ ତରଫରୁ ଯେଉଁ ଜନହିତକର କାର୍ଯ୍ୟ କରାଯାଉଛି ତାହାକୁ ପ୍ରଶଂସା କରିଥିଲେ। ସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବାଦନ ପାଇଁ ପ୍ରେସ ୟୁନିୟନ ତରଫରୁ ବ୍ୟକ୍ତିବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା। ସହରର ବୁଲା କୁକୁରମାନଙ୍କୁ ପ୍ରତିଦିନ ଖାଇବା ଦେଉଥିବାରୁ ଅଙ୍କୁର ନାହାକ ଓ ବିଷ୍ଣୁପ୍ରିୟା ନାହାକଙ୍କୁ ସମ୍ମାନୀତ କରାଯାଇଥିଲା। ସେହିପରି ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ପଣ୍ଡା ଏବଂ ଶବ ସତ୍କାର ପାଇଁ ମାଗଣରେ ଶବ ବାହାକ ଗାଡ଼ି ଦେଉଥିବାରୁ ରାୟଗଡା ଲରୀ ମେକାନିକ ଆସୋସିଏସନକୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ଶିକ୍ଷକ ତ୍ରିଲୋଚନ ସାହୁଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପ୍ରଦର୍ଶନ କରାଯାଇଥିବା ବେଳେ ଉପସ୍ଥିତ ଥିଲେ ବରିଷ୍ଠ ନାଗରିକ ମଙ୍ଗଳ ସଂଘର ସଭାପତି ବିନୋଦ ପଣ୍ଡା, ଶିକ୍ଷାବିତ୍ ଦୁଷ୍ମନ୍ତ ମହାନ୍ତି, ଉତ୍କଳ ଆଲୁମିନାର ଲୋକସଂପର୍କ ଅଧିକାରୀ ପିତାମ୍ବର ବେହେରା, ଆଦିତ୍ୟ ଆଲୁମିନାର ସିଏସଆର ମୁଖ୍ୟ ତନ୍ମୟ ମହାନ୍ତି, ଟ୍ରକ୍‌ମାଲିକ ସଂଘର ସଭାପତି ୟାଲା ଭେଙ୍କେଟେଶ୍ୱର ରାଓ, ଜିଷ୍ଟ କଲେଜର ନିର୍ଦ୍ଦେଶକ ଗୋବିନ୍ଦ ରଥ ପ୍ରମୁଖ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ ସଂଘର ଉପଦେଷ୍ଟା ସୁରେଶ ଦାଶ, ରଘୁନାଥ ସାମଲ, ସନ୍ତୋଷ ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ନନ୍ଦ, ଅମୂଲ୍ୟ ନିଶଙ୍କ, ରାଜେଶ ମହାନ୍ତି, ଶ୍ରୀନିବାସ ବଳିୟାର ସିଂ ପ୍ରମୁଖ। କାର୍ଯ୍ୟକ୍ରମ ଶେଷର ସଂଘର କୋଷାଧକ୍ଷ ରଶ୍ମିରଂଜନ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

A-330

GOVRNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
DRAINAGE DIVISION, KENDRAPARA

E-PROCUREMENT NOTICE NO. DDKPD - 01 of 2025-26
e-mail- eedrnkpdeicwr.od@gov.in Phone No. 9437635640

| | | | |
|---|---|---|---|
| 1. | Total Number of Package | : | 015 Nos. Individual package |
| 2. | Nature of work | : | Desilting, Decongestion, Culvert, Inlet, Approach road, Repair of FLB |
| 3. | Estimated cost of Individual package ranging from | : | Raising from Rs. 2.54 Lakhs to Rs. 15.99 Lakhs |
| 4. | Period of completion | : | (04 Four) Calendar months |
| 5. | Other details as follows | : | |

| Procurement Officer | Bid Identification No. | Availability of Tender On-Line | | Date & time of opening of tender at Superintending Engineer, Drainage Division, Kendrapara at Marshaghai |
|---|---|---|---|---|
| | | From | To | |
| Superintending Engineer, Drainage Division, Kendrapara | DDKPD-01 of 2025-26 | 26.06.2025 at 10.00 Hrs. | 05.07.2025 Up to 17.30 Hrs. | 07.07.2025 at 11.00 AM |

Further details can be seen from the Govt. web site www.tendersorissa.gov.in.
Date of Lottery (if required) : 16.07.2025 at 11.30 AM

Sd/- Superintending Engineer
Drainage Division, Kendrapada
OIPR-32356/11/0006/2526

ଭୁବନେଶ୍ୱର
୨୪ ଜୁନ୍,
ମଙ୍ଗଳବାର,୨୦୨୫

RNI Regd. No. : 52640/94
Postal Regd. No. : BN/60/25-27

# ରଥତ୍ରୟରେ ଲାଗିଲା ୧୨ ଦୁଆରଘଡ଼ା : କଳସ ଉଠି ଓଲଟ ଶୁଆ ସ୍ଥାପନ

**ପୁରୀ,୨୩/୦୬ ନ୍ୟୁଜ ବ୍ୟୁରୋ**

ରଥ ନିର୍ମାଣ କାର୍ଯ୍ୟ ୫୩ ଦିନରେ ପହଞ୍ଚିଛି। ରବିବାର ସୁଦ୍ଧା ତିନିରଥର ୪ଟି ଲେଖାଏଁ ଦୁଆର ବେଢ଼ାରୁ ତିନି ରଥର ଆଗ, ପଛ ଦୁଆର ବେଢ଼ା ରଥ ଉପରକୁ ଉଠିଥିଲା। ସୋମବାର ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ତିନିରଥର ଭୋଇ ସେବକମାନେ ମିଶି ତିନି ରଥର ଦୁଇଟି ଲେଖାଏଁ ପାର୍ଶ୍ୱ ଦୁଆର ବେଢ଼ାକୁ ବାଉଁଶ ତେଣ୍ଟିଆ ସହାୟତାରେ ଉଠାଇ ନାଟ ଗୋଡ଼ ସହ ସଂଯୋଗ କରିଛନ୍ତି।



ତିନିରଥର ଦୁଆର ବେଢ଼ାକୁ ମଜବୁତ୍ ରଖିବା ପାଇଁ ଦୁଆର ବେଢ଼ାଗୁଡ଼ିକର ଉପର ଭାଗ ଚନ୍ଦ୍ରଶାଳୀରେ ଧ୍ୱଜ ବତା ସଂଯୋଗ କରାଯାଇଛି। ମଝି ଭୂଇଁ ଶେଣିରେ କଣ୍ଟା ବସି ସେଟିଂ କରାଯାଇଛି। ଏଥିସହ ତିନି ରଥର ଦୁଆର ବେଢ଼ାକୁ ବାନ୍ଧି ରଖିବା ପାଇଁ ପ୍ରତି ଦୁଆର ବେଢ଼ାର ନାଟ ଗୋଡ଼ ସହ ଚଉଦ ନାହାକାରେ ଦୁଇଟି ଲେଖାଏଁ ସପୋର୍ଟ ବଟନ୍ ବା ଦୁଆର ବାଣିଆ ପ୍ରତି ରଥରେ ୧୬ଟି ଲେଖାଏଁ ଖଞ୍ଜାଯାଇଛି। ମହାରଣା ସେବକମାନେ ତିନି ରଥ ଭୋଇ ସେବକଙ୍କ ସହଯୋଗରେ ତିନି ରଥର ପ୍ରତି କୋଣଗୁଡ଼ିକରେ ଦୁଇଟି ଲେଖାଏଁ କଣି ଫାଉଡ଼ି ବସାଇଛନ୍ତି। ତିନିରଥ ଚାରି ପାର୍ଶ୍ୱରେ ଦୁଇଟି ଲେଖାଏଁ ମଣ୍ଡଣୀବତା ପଡ଼ି ବଡ଼ଥଳ ପୋଟଳଠାରୁ ଚନ୍ଦ୍ରଶାଳୀ ପର୍ଯ୍ୟନ୍ତ ଲାଗିଛି। ମଙ୍ଗଳବାର 'ହାତିଆଳ ମାଳ' ବା କାଠ ବଟନ୍ ଆଠଟି ଲେଖାଏଁ ବଡ଼ ଥଳ ପୋଟଳ ଠାରୁ ଦୁଆର ବେଢ଼ା ପର୍ଯ୍ୟନ୍ତ ଖଞ୍ଜା ଯିବ। ଫଳରେ ରଥରେ କନା ପଡ଼ିବା ସୁବିଧାଜନକ ହେବା ସହ ରଥର କନା ଆବରଣ ଏକ ଗୋଲାକାର ଆକୃତି ଦୃଶ୍ୟମାନ ହେବ। ଏଥିରେ ରଥର ଗଠନ ଶୈଳୀ ସୁନ୍ଦର ଦେଖାଯିବା ସହ ରଥ କନା ସୁରକ୍ଷିତ ରହିବ। ସେପଟେ ରୂପକାର ସେବକମାନଙ୍କର ତିନିରଥର ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦି ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନି ରଥର ଧ୍ୱଜ ବତା କଣ୍ଟା ଯୋଗାଇବା ସହ ଶୁଆ ପାଇଁ ନାରାଜ କଣ୍ଟା ଓ କଳସ ପାଇଁ ଫାନ୍ଦ କଣ୍ଟା ଯୋଗାଇଛନ୍ତି। ତିନି ରଥର ପ୍ରଭା ପାଇଁ ପ୍ରଭା ବିଡିଆ କଣ୍ଟା ନିର୍ମାଣ କରିଛନ୍ତି। ଚିତ୍ରକାର ସେବକମାନେ ରଥର ବାହ୍ୟ ଅଂଶଗୁଡିକ ସହ ସାରଥି ଓ ଘୋଡ଼ା ଇତ୍ୟାଦି ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି।

# ଶ୍ରୀମନ୍ଦିରରେ ଘଣାଲାଗି ନୀତି ସମ୍ପନ୍ନ



**ପୁରୀ, ୨୩/୬ ନ୍ୟୁଜ ବ୍ୟୁରୋ**

ସୋମବାର ଅଣସର ତ୍ରୟୋଦଶୀ। ଅଣସର ଘରେ ଗୋପନ ନୀତି ପରେ ଅସୁସ୍ଥ ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ଗଜପତି ମହାରାଜାଙ୍କୁ ବି ସୂଚନା ଦେଇ ସାରିଛନ୍ତି ସେବକ ବୃନ୍ଦ। ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ବି ନିବେଦନ କରିଛନ୍ତି। ସୋମବାର ଶ୍ରୀମନ୍ଦିରରେ ଘଣାଲାଗି ନୀତି ଅନୁଷ୍ଠିତ ହୋଇଛି। ଘଣାଲାଗି ନୀତି ଅନୁଯାୟୀ ମହାପ୍ରଭୁଙ୍କ ଠାରେ ଲାଗି ହୋଇଥିବା ପୁରୁଣା ବାସୁଙ୍ଗା ପାଟକୁ ଖୋଲା ଯାଇ ମା' ଲକ୍ଷ୍ମୀଙ୍କ ମନ୍ଦିରରେ ପାଟରା ସେବାୟତଙ୍କ ଦ୍ୱାରା ନିର୍ମାଣ ହୋଇଥିବା ନୂଆ ବାସୁଙ୍ଗା ପାଟକୁ ଲାଗି କରାଯାଇଛି। ଏହା ପରେ ଶ୍ରୀଅଙ୍ଗରେ ଶ୍ରୀମୁଖ ହୋତା ଲାଗି ହୋଇଛି। ରବିବାର ବିଳମ୍ବିତ ରାତିରୁ ଦଇତାପତି ସେବକମାନେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ସୋମବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ଚାଲିଥିଲା। ଅନ୍ୟପଟେ ସୋମବାର ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ବଜ୍ର କରିବା ପାଇଁ ଶୁଦ୍ଧ ସୁଆର ସେବକଙ୍କ ଘରୁ ଦିବ୍ୟ ପ୍ରଲେପ 'ଖଳି ପ୍ରସାଦ' ବିଜେ କରିଥିଲା। ଏଥିସହ ଖଡ଼ି ପ୍ରସାଦ ଲାଗି ନୀତି ବି ଅନୁଷ୍ଠିତ ହୋଇଛି। ଏହା ପରେ ଅସୁସ୍ଥ ମହାପ୍ରଭୁ ନବଯୌବନ ପ୍ରାପ୍ତି ହୋଇଛି। ନୀଳାଦ୍ରି ମହୋଦୟ ଶାସ୍ତ୍ର ଅନୁସାରେ ମହାପ୍ରଭୁଙ୍କ ଠାରେ ଫୁଲୁରି ତେଲ, ଓଷ ଲାଗି, ଦଶମୂଳ ଲାଗି, ସର୍ବାଙ୍ଗ ଚନ୍ଦନ, ରାଜପ୍ରସାଦ ବିଜେ ପରେ ଖଳିପ୍ରସାଦ ବିଜେ ନୀତି ସମ୍ପନ୍ନ ହେବାର ବିଧି ରହିଛି। ଶୁଦ୍ଧ ସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପକୁ (ଖଳି) ରୁପା ପିଂଗଣରେ ରଖି ଦଇତାପତି ସେବକ ଶ୍ରୀଅଙ୍ଗରେ ଲାଗି କରିଥାନ୍ତି । ଖଳି ଲାଗି ପୂର୍ବରୁ ପ୍ରଭୁଙ୍କ ଘଣା ଲାଗି ଗୋପନ ନୀତି ସଂପନ୍ନ ହୋଇଥାଏ । ଏଥି ପୂର୍ବରୁ ନୂତନ ବିଗ୍ରହଙ୍କୁ ଗୋପନ ସେବାରେ ରକ୍ତ ବସ୍ତ୍ର ଆବରଣ ଦିଆଯାଇଥାଏ ।



କୁଳବୃଦ୍ଧ ମଧୁସୂଦନଙ୍କ କୋଳରେ ପୁରୀର ନାବାଳକ ଗଜପତି ବୀରକିଶୋର ଦେବ। (ଫାଇଲ୍ ଫଟୋ )

# 'ଦୀଘା ଜଗନ୍ନାଥ ମନ୍ଦିରର ପ୍ରସାଦକୁ ମହାପ୍ରସାଦ କୁହାଯିବା ଠିକ୍ ନୁହେଁ' : ଗଜପତି

**ପୁରୀ, ୨୩/୦୬ ନ୍ୟୁଜ ବ୍ୟୁରୋ**

ଆସନ୍ତା ଶୁକ୍ରାବର ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀନହରରେ ଗଜପତି ମହାରାଜା ଓ ଦଇତାପତି ସେବକଙ୍କ ମଧ୍ୟରେ ଆଗାମୀ ରଥଯାତ୍ରା କିଭଳି ସୁରୁଖୁରୁରେ ଆୟୋଜନ ହୋଇ ପାରିବ ସେନେଇ ଆଲୋଚନା ହୋଇଛି । ରଥ ଉପରକୁ ସେବାୟତ ମୋବାଇଲ ନେଲେ ପ୍ରଶାସନ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଦୀଘା ଜଗନ୍ନାଥ ମନ୍ଦିରର ପ୍ରସାଦକୁ ମହାପ୍ରସାଦ କୁହାଯିବା ଠିକ୍ ନୁହେଁ ବୋଲି କହିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଗଣମାଧ୍ୟମକୁ ସୂଚନା ଦେଇ ଗଜପତି କହିଛନ୍ତି, 'ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ସବୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ଚଳିତ ବର୍ଷ ମହାପ୍ରଭୁଙ୍କ ପହଣ୍ଡି ବିଜେ ନୀତି କିଭଳି ଶୃଙ୍ଖଳିତ ହୋଇ ପାରିବ ସେନେଇ ଦଇତାପତି ସେବକଙ୍କ ସହ ଆଲୋଚନା ହୋଇଛି। ଚଳିତ ବର୍ଷ ନିର୍ଦ୍ଦିଷ୍ଟ ସଂଖ୍ୟକ ସେବକ ଶ୍ରୀଜୀଉଙ୍କ ପହଣ୍ଡିରେ ରହିବେ। ପ୍ରଶାସନ ପକ୍ଷରୁ ଏନେଇ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ରଥ ଉପରକୁ କେହି ସେବାୟତ ମୋବାଇଲ ନ ନେବା ଉଚିତ୍। ପ୍ରଶାସନ ଏନେଇ ଯେଉଁ



କଟକଣା ଜାରି କରିଛି ତାହା ସ୍ୱାଗତଯୋଗ୍ୟ । ଯିଏ ବ୍ୟତିକ୍ରମ କରିବ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେବ। ଗଜପତି ମହାରାଜା ଆହୁରି ମଧ୍ୟ କହିଛନ୍ତି, 'ଦୀଘା ଜଗନ୍ନାଥ ମନ୍ଦିରରେ ପ୍ରସ୍ତୁତ ପ୍ରସାଦକୁ ମହାପ୍ରସାଦ କହି ଲୋକଙ୍କୁ ବିତରଣ କରିବା ଠିକ୍ ନୁହେଁ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନିକଟରେ ଲାଗି ହେଉଥିବା ଭୋଗ ହିଁ କେବଳ ମହାପ୍ରସାଦ। ଅନ୍ୟତ୍ର ଯେଉଁ ଜଗନ୍ନାଥ ମନ୍ଦିରରେ ଭୋଗ ପ୍ରସ୍ତୁତ ହେଉଛି ତାହା ପ୍ରସାଦ ଭାବେ ବିତରଣ ହେବା ଉଚିତ୍। କିନ୍ତୁ ମହାପ୍ରସାଦ କହି ବିତରଣ କରିବା ଜଗନ୍ନାଥ ସଂସ୍କୃତି ବିରୋଧୀ। ଏଭଳି କାର୍ଯ୍ୟ ଯିଏବି କରୁଛି ସେମାନେ ବନ୍ଦ କରିବା ଉଚିତ୍। ଇସ୍କନ ଦୀଘା ଜଗନ୍ନାଥ ମନ୍ଦିର ପରିଚାଳନା ଭାର ନେଇଥିବା ବେଳେ ସେମାନେ ମହାପ୍ରଭୁଙ୍କ ପରମ୍ପରା ଜାଣି ମଧ୍ୟ ଉଲ୍ଲଂଘନ କରିବା ଦୁଃଖ ଦାୟକ। 'ରଥକାଠକୁ ନେଇ ଯେଉଁ ଅଳ୍ପ କିଛି ସଙ୍କଟ ସୃଷ୍ଟି ହେଲାଣି ତାହା ନିଶ୍ଚିତ ବେଶ୍ ଗୁରୁତ୍ୱପୂର୍ଣ୍ଣ। ରଥରେ ପ୍ରତିବର୍ଷ କାଠ ବହୁଳ ବ୍ୟବହାର ହେଉଥିବାରୁ ଅନେକ ବୁଦ୍ଧିଜୀବୀ ରଥକୁ ଏକ ସ୍ଥାୟୀ ରଥ କରିବାକୁ ଦାବି କରିଥିଲେ। ହେଲେ ଶ୍ରୀମନ୍ଦିର ପରିଚାଳନା କମିଟି ଏହାକୁ ଗ୍ରହଣ କଲାନାହିଁ। ମହାପ୍ରଭୁଙ୍କ ପରମ୍ପରାକୁ ବଜାୟ ରଖିବାକୁ ନିଷ୍ପତ୍ତି ନେଇଥିଲା। ତେବେ ରଥକାଠ ନଷ୍ଟ ହୁଏ ନାହିଁ। ରଥକାଠ ଶ୍ରୀମନ୍ଦିର ରୋଷ ଘରେ ଜାଳେଣି ଭାବେ ବ୍ୟବହାର ହୁଏ । ବାର୍ଷିକ ୭୫ ପ୍ରତିଶତ କାଠ ରଥ କାଠରୁ ବ୍ୟବହାର ହୋଇଥାଏ। ତେବେ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ଆବଶ୍ୟକତା ପାଇଁ ଜଗନ୍ନାଥ ବନ ପ୍ରକଳ୍ପ ଆରମ୍ଭ ହୋଇଥିଲା। ହେଲେ ଏହା ଏତେ ସଫଳ ହୋଇନାହିଁ। ଯଦି ବନ ବିଭାଗ ପକ୍ଷରୁ ଜଗନ୍ନାଥ ବନ ପ୍ରକଳ୍ପକୁ ଯତ୍ନ ନିଆଯାଇପାରିବ ତାହା ହେଲେ ଆଗାମୀ ଦିନରେ ରଥ ନିର୍ମାଣ ପାଇଁ ରଥ କାଠ ଅଭାବ ହେବ ନାହିଁ। ନହେଲେ ରଥ ନିର୍ମାଣକୁ ନେଇ ଆଗାମୀ ଦିନରେ ବଡ ସମସ୍ୟା ଦେଖାଦେବ। ଅଦିନିଆ ରଥଯାତ୍ରାକୁ ନେଇ ଗଜପତି ମହାରାଜା କହିଛନ୍ତି, 'ଇସ୍କନକୁ ବାରଣ ସତ୍ତ୍ୱେ ବାରମ୍ବାର ବିଦେଶରେ ଅଦିନିଆ ରଥଯାତ୍ରା ଆୟୋଜନ କରିବା ଦୁଃଖ ଦାୟକ। ଏହା ଦ୍ୱାରା ଜଗନ୍ନାଥ ସଂସ୍କୃତି ବିକୃତ ହେବା ସହ କୋଟି କୋଟି ଭକ୍ତଙ୍କୁ ମଧ୍ୟ ଆଘାତ ଦେଉଛନ୍ତି। ଏନେଇ ଶ୍ରୀମନ୍ଦିର ପ୍ରଶାସନ ଇସ୍କନ ସହ ଆଲୋଚନା କରିଛନ୍ତି। ଭାରତରେ ଥିବା ଇସ୍କନ ସଂସ୍ଥା ମହାପ୍ରଭୁଙ୍କ ରଥଯାତ୍ରା ଓ ଅନ୍ୟ ପର୍ବ ପର୍ବାଣୀ ନିର୍ଦ୍ଦିଷ୍ଟ ତିଥିରେ ଗତ କିଛି ବର୍ଷ ହେବ କରିଆସୁଛି। ଯାହା ସ୍ୱାଗତ ଯୋଗ୍ୟ। ହେଲେ ଇସ୍କନର ଅନ୍ତର୍ଜାତୀୟ ସଂସ୍ଥା ଏହାକୁ ଗ୍ରହଣ କରୁନାହାନ୍ତି। ନିଜ ଇଚ୍ଛା ଯେତେବେଳେ ଚାହିଁଲେ ରଥଯାତ୍ରା ଆୟୋଜନ କରୁଛନ୍ତି। ତାହା ବନ୍ଦ ହେବା ଉଚିତ୍। ନିର୍ଦ୍ଦିଷ୍ଟ ତିଥି ବାର ଅନୁଯାୟୀ ମହାପ୍ରଭୁଙ୍କ ପର୍ବ ପର୍ବାଣୀ ପାଳନ ହେବା ଉଚିତ୍। ଆମେ ଆଶା ରଖୁଛୁ ଇସ୍କନର ଅନ୍ତର୍ଜାତୀୟ ସଂସ୍ଥା ଏହାକୁ ଗୁରୁତ୍ୱ ଦେବ। ମହାପ୍ରଭୁଙ୍କ ବିଧି ଓ ପରମ୍ପରାକୁ ଉଲ୍ଲଂଘନ କରିବ ନାହିଁ। ତେବେ ଆଗାମୀ ଦିନରେ ମଧ୍ୟ ଅଦିନିଆ ରଥଯାତ୍ରା ବନ୍ଦ ପାଇଁ ଇସ୍କନ ସହିତ ଶ୍ରୀମନ୍ଦିର ପ୍ରଶାସନ ଆଲୋଚନା କରିବ।'

# ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନୂତନ ଗ୍ରନ୍ଥାଗାର ଅଟ୍ଟାଳିକାର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର, ୨୩/୦୬ ନ୍ୟୁଜ ବ୍ୟୁରୋ**

ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବନେଶ୍ୱର ଉପକଣ୍ଠସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନୂତନ ଗ୍ରନ୍ଥାଗାର ଅଟ୍ଟାଳିକାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ନୂତନ ଅଟ୍ଟାଳିକା ପ୍ରାୟ ୨୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ । ଉକ୍ତ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଶିକ୍ଷକ ଆବାସ ଗୃହ, ଛାତ୍ରାବାସ ଓ ଶ୍ରେଣୀଗୃହ ନିର୍ମାଣ କରାଯିବ । ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର ଗଣିତରେ ଉଚ୍ଚକୋଟୀର ଗବେଷଣା ଓ ଗଣିତ ଶିକ୍ଷାକୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବୋଧଗମ୍ୟ କରିବା, ଶିକ୍ଷା ଓ ଶିକ୍ଷକମାନଙ୍କ ନିମନ୍ତେ ତାଲିମ ଶିବିର ଆୟୋଜନ କରିବା କ୍ଷେତ୍ରରେ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ପ୍ରମୁଖ ଭୂମିକା



ତୁଲାଇଛି ବୋଲି କହିଥିଲେ । ଏଥିରେ ଅଧିକରୁ ଅଧିକ ଗଣିତ କ୍ଷେତ୍ରରେ ପ୍ରୟୋଗାତ୍ମକ ଗବେଷଣା କରାଯିବା ପାଇଁ ସମସ୍ତ ଭିତ୍ତିଭୂମି ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ଉଲ୍ଲେଖ କରିଥିଲେ। ଏତଦ୍ ବ୍ୟତୀତ ଭୁବନେଶ୍ୱରଠାରେ ୧୦୦ ଏକର ଜାଗାରେ ସାଇନ୍ସ ସିଟି ପ୍ରତିଷ୍ଠା ସହ ଜୈବପ୍ରଯୁକ୍ତି ବିଜ୍ଞାନ ଅନ୍ତର୍ଗତ ପ୍ରମୁଖ ୧୭ଟି କ୍ଷେତ୍ରରେ ଆସନ୍ତା ୫ ବର୍ଷ ମଧ୍ୟରେ ୧୧୧୩ କୋଟି ଟଙ୍କା ଖର୍ଚ୍ଚ କରାଯିବା ପାଇଁ ସରକାର ନିଷ୍ପତ୍ତି ନେଇଥିବା ସେ କହିଥିଲେ। ଏହି ଅବସରରେ ଯୋଗଦେଇ ବିଜ୍ଞାନ ଓ କାରିଗରୀ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଗଣିତକୁ ପ୍ରୟୋଗ କରି ମାନବସମାଜର କଲ୍ୟାଣ ଦିଗରେ ଅଧିକ ଗବେଷଣା କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଉକ୍ତ ପ୍ରତିଷ୍ଠାନରେ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ନୂତନ ଭାବେ ଆପ୍ଲାଏଡ୍ ମ୍ୟାଥ୍ମେଟିକ୍ସ, ମ୍ୟାଥ୍ମେଟିକ୍ସ ଉଇଥ୍ କମ୍ପ୍ୟୁଟିଂ, ମ୍ୟାଥ୍ମେଟିକ୍ସ ଉଇଥ୍ ଡାଟା ସାଇନ୍ସ, ମ୍ୟାଥ୍ମେଟିକ୍ସ ଉଇଥ୍ କମ୍ପ୍ୟୁଟେସନାଲ ଫାଇନାନ୍ସ, ମ୍ୟାଥ୍ମେଟିକ୍ସ ଉଇଥ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସରେ ପାଞ୍ଚବର୍ଷିଆ ଇଣ୍ଟିଗ୍ରେଟେଡ୍ ଏମ୍.ଏସ୍.ସି ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ। ଗଣିତ ଓ ବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଯଶବନ୍ତ ଜେନା, କୁଳସଚିବ ପ୍ରଫେସର ତ୍ରୈଲୋକ୍ୟ ପାଣିଗ୍ରାହୀ, ବିଜ୍ଞାନ ଓ ବୈଷୟିକ ବିଭାଗ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ବିଦ୍ୟୁତପ୍ରଭା ରାଉତ, ପୂଜା ମିଶ୍ର, ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା, ପ୍ରତିଷ୍ଠାନର ସୁନୀତା ଚକ୍ରବର୍ତ୍ତୀ, ଶିକ୍ଷକ ଓ ଛାତ୍ରଛାତ୍ରୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।

## ପୁରୀ ପୌର ସଂସ୍ଥାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଚିଠ

# ଶରଧା ବାଲିର ପବିତ୍ରତା ଏବଂ ସାଂସ୍କୃତିକ ଗୁରୁତ୍ୱ ବଜାୟ ରଖିବାକୁ ପରାମର୍ଶ

**ପୁରୀ, ୨୩/୦୬ ନ୍ୟୁଜ ବ୍ୟୁରୋ**

୩ ଦିନ ପରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ସଜେଇ ହେଲାଣି ପୁରୀ। ଦାଣ୍ଡକୁ ଆସିବେ କାଳିଆ ସାଆନ୍ତ। ଭକ୍ତଙ୍କ ଗହଣରେ କରିବେ ମାନବୀୟ ଲୀଳା। ରତ୍ନବେଦୀରୁ ଯିବେ ଜନ୍ମବେଦୀ। ମହାପ୍ରଭୁଙ୍କ ରଥଯାତ୍ରା ସହ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ପବିତ୍ର ଶରଧା ବାଲିର ଅନେକ ଗୁରୁତ୍ୱ ରହିଛି। ତେଣୁ ଶରଧା ବାଲିର ପବିତ୍ରତା ଏବଂ ସାଂସ୍କୃତିକ ଗୁରୁତ୍ୱ ବଜାୟ ରଖିବାକୁ ପୁରୀ ପୌର ସଂସ୍ଥାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଅନୁରୋଧ କରିଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମୁଖ୍ୟ ପ୍ରଶାସକ ପତ୍ର ଲେଖି ପରାମର୍ଶ ଦେଇଛନ୍ତି।



ମୁଖ୍ୟ ପ୍ରଶାସକ ତାଙ୍କ ପତ୍ରରେ ଲେଖିଛନ୍ତି ଯେ, ମହାପ୍ରଭୁଙ୍କ ରଥଯାତ୍ରା ସହ ସମ୍ପୃକ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ପବିତ୍ର ଶରଧା ବାଲିର ଅନେକ ଗୁରୁତ୍ୱ ରହିଛି। ଶରଧା ବାଲିର ସାଂସ୍କୃତିକ ତଥା ଆଧ୍ୟାତ୍ମିକ ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ଅନ୍ୟ କାର୍ଯ୍ୟ ପାଇଁ ବ୍ୟବହାର କରାନଯାଉ। ବରଂ ଏହାର ସୁରକ୍ଷା ତଥା ଉନ୍ନତିକରଣ ସକାଶେ ପଦକ୍ଷେପ ନିଆଗଲେ ଶ୍ରୀଜଗନ୍ନାଥ ମନ୍ଦିର ପରମ୍ପରା ତଥା ଐତିହ୍ୟ ଋଦ୍ଧିମନ୍ତ ହେବ। ଶ୍ରଦ୍ଧାଳୁ ତଥା ଭକ୍ତ ସମୂହଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଶରଧା ବାଲିକୁ କେବଳ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ କାର୍ଯ୍ୟ ସକାଶେ ସଂରକ୍ଷିତ ରଖିବାକୁ ମୁଖ୍ୟ ପ୍ରଶାସକ ପରାମର୍ଶ ଦେଇଛନ୍ତି।

## ଏସସିବିରେ ଆଇସିୟୁ ନମିଳିବାରୁ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଅଭିଯୋଗ

**କଟକ,୨୩/୦୬ ନ୍ୟୁଜ ବ୍ୟୁରୋ**

ଏସସିବି ମେଡିକାଲକୁ ରବିବାର ଚିକିତ୍ସା ପାଇଁ ଆସିଥିବା ଜଣେ ବିଚାରାଧୀନ କଏଦୀ ଆଇସିୟୁ ନପାଇବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ନରେଶ (୪୫ ବର୍ଷ)। ତାଙ୍କ ଘର ହରିୟାଣା ଅଞ୍ଚଳରେ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ନରେଶ ଏକ ଚୋରି ମାମଲାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ବନ୍ଦୀ ଭାବେ ଥିଲେ। ଅସୁସ୍ଥ ହେବାରୁ ଜେଲ୍ ପକ୍ଷରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ନରେଶଙ୍କୁ ଡାକ୍ତର ଭୁବନେଶ୍ୱର ଏମ୍ସ ପଠାଇଥିଲେ। ସେ ରବିବାର ଏମ୍ସରୁ ସ୍ଥାନାନ୍ତର ହୋଇ କଟକ ଏସସିବିରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ସତ୍ତ୍ୱେ ତାଙ୍କୁ ଆଇସିୟୁ ମିଳିପାରି ନଥିଲା। ଉପଯୁକ୍ତ ଚିକିତ୍ସା ନପାଇ ଶେଷରେ ନରେଶ ନ୍ୟୁ ମେଡିସିନ ୱାର୍ଡ ଚଟଣାରେ ପଡ଼ି ପଡ଼ି ସୋମବାର ସକାଳେ ଆଖି ବୁଜିଥିଲେ ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ଭିଜିଲାନ୍ସ ଜାଲରେ ସିଡିପିଓ ଓ ଆକାଉଣ୍ଟାଣ୍ଟ

**ରାୟଗଡା, ୨୩/୦୬ ନ୍ୟୁଜ ବ୍ୟୁରୋ**

ଲାଞ୍ଚ ନେବା ଅଭିଯୋଗରେ ବିଷମକଟକ ସିଡିପିଓ ସୁଶୀଳା ସବର ଏବଂ ଆକାଉଣ୍ଟାଣ୍ଟ ରମାଚନ୍ଦ୍ର ପାତ୍ରଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ସେମାନେ ଜଣେ ଡଙ୍ଗରିଆ କନ୍ଧ ଆଦିବାସୀ ମହିଳାଙ୍କୁ ଅଙ୍ଗନୱାଡି କର୍ମୀ ଭାବରେ ନିଯୁକ୍ତି ପାଇଁ ତାଙ୍କଠାରୁ ୮୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଉଭୟଙ୍କୁ ଭିଜିଲାନ୍ସ ଗିରଫ କରିବା ସହ ଉଭୟଙ୍କ ଠାରୁ ସମସ୍ତ ଲାଞ୍ଚଟଙ୍କା ଜବତ କରିଛି। ଉଭୟ ଅଭିଯୁକ୍ତଙ୍କ ବିରୁଦ୍ଧରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବା ଜଣାପଡିଛି।

# ଆଫଗାନିସ୍ତାନ ନାଗରିକକୁ ଗିରଫ କଲା କମିଶନରେଟ୍ ପୋଲିସ




**ଭୁବନେଶ୍ୱର, ୨୩/୦୬ ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ଲୁଚି ରହୁଥିଲା ଆଫଗାନିସ୍ତାନ ନାଗରିକ। ଦୀର୍ଘ ଆଠ ବର୍ଷ ଧରି ପରିଚୟ ବଦଳାଇ ଜଣେ ଆଫଗାନିସ୍ତାନ ନାଗରିକ ଓଡ଼ିଶାରେ ରହୁଥିବା ଜଣାପଡ଼ିଛି । ନା ପୋଲିସ ପାଖରେ ଥିଲା ଖବର, ନା ଭାରତୀୟ ଗୁଇନ୍ଦା ପାଖରେ ଥିଲା ସୂଚନା । ଦିର୍ଘ ଦିନ ଧରି ଆତ୍ମଗୋପନ କରି ପରିଚୟ ବଦଳାଇ କରୁଥିଲା ବ୍ୟବସାୟ । ଭାରତୀୟ ବ୍ୟବସାୟୀ ଭାବେ ବେଶ୍ ଥିଲା ପରିଚିତ । ହେଲେ ଦୁବାଇରୁ ଫେରି ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବା ପରେ ଧରାପଡ଼ିଥିଲା ଅସଲ ପରିଚୟ । ସେ ଭାରତୀୟ ନୁହେଁ ଜଣେ ଆଫଗାନିସ୍ତାନ ନାଗରିକ ବୋଲି ଜଣାପଡିଥିଲା। ଏହାପରେ ତାଙ୍କୁ ଗିରିଫ କରିଛି କମିଶନରେଟ୍ ପୋଲିସ। ଦୁବାଇରୁ ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଇମିଗ୍ରେସନ ଯାଞ୍ଚ ବେଳେ ନିଜକୁ ଭାରତୀୟ ବୋଲି ପରିଚୟ ଦେଇ ଜାଲ ପାସପୋର୍ଟ ଦେଖାଇ, ନିଜକୁ ଯାହା ଖାନ, ଘର କଟକ ବୋଲି ପରିଚୟ ଦେଇଥିଲା। ହେଲେ ଇମିଗ୍ରେସନ ଅଧିକାରୀଙ୍କ ସନ୍ଦେହ ହେବାରୁ ତା'ର ଅଧିକ ତଦନ୍ତ କରିଥିଲେ। ଫଳରେ ସେ ଭାରତୀୟ ନୁହେଁ ଜଣେ ଆଫଗାନସ୍ତାନ ନାଗରିକ ବୋଲି ଜଣାପଡିଥିଲା। କାରଣ ତା ନାଁରେ ପୂର୍ବରୁ ଲୁକ୍ ଆଉଟ୍ ସର୍କୁଲାର ଜାରି ହୋଇଥିଲା । କୋଲକତା ଏୟାରପୋର୍ଟରୁ ଲୁକ ଆଉଟ୍ ଆଧାରରେ ସେ ମହମ୍ମଦ ୟୁସୁଫ ଘର ଆଫଗାନିସ୍ଥାନ ବୋଲି ଚିହ୍ନଟ ହୋଇଥିଲା। ଏହାପରେ ବିମାନ ବନ୍ଦର କର୍ତ୍ତୃପକ୍ଷ କମିଶନରେଟ ପୋଲିସକୁ ସୂଚନା ଦେଇଥିଲେ।

DSPL-

ଓଡ଼ିଶା ଶାସନ

# ଡ଼ାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ। ବିଳମ୍ବ କଲେ ବିପଦ ଅଛି।

OIPR-10003/13/0212/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/